ସକାଳ THE SAKALA
ସିନ୍ଦୂରା
ରବିବାର
ମେ ୧୦-୧୬, ୨୦୨୬
www.sakalaepaper.com






ପରିବର୍ତ୍ତନର ଧାରାରେ ଓଡ଼ିଆ ଚଳଚ୍ଚିତ୍ର । ୨୦୨୬ ମସିହା ଓଲିଉଡ୍ ଇଣ୍ଡଷ୍ଟ୍ରୀ ପାଇଁ ନେଇ ଆସିଛି ଅନେକ ଆଶା ଓ ସମ୍ଭାବନା । ଓଡ଼ିଆ ମାଟି, ଓଡ଼ିଆ ସଂସ୍କୃତି, ପରମ୍ପରାକୁ ନେଇ ତିଆରି ହେଉଛି ନୂଆ ନୂଆ ଓଡ଼ିଆ ସିନେମା । ମୌଳିକ କାହାଣୀ ଆଧାରିତ ଏଭଳି ସିନେମା ଏବେ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହେଉଛି । ନିଛକ ଓଡ଼ିଆ ମୌଳିକ କାହାଣୀ, ଯୁବ କଳାକାରଙ୍କ ହୃଦୟସ୍ପର୍ଶୀ ଅଭିନୟ, ନୂଆ ଟେକ୍ନୋଲୋଜିର ପ୍ରୟୋଗ ଚଳଚ୍ଚିତ୍ରକୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରୁଛି । ଏହି ପରିପ୍ରେକ୍ଷୀରେ ୨୦୨୬ ମସିହାରେ ରିଲିଜ୍ ହୋଇଥିବା କେତୋଟି ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ

# ପରିବର୍ତ୍ତନ ଧାରାରେ ଓଲିଉଡ୍



୯୦ ବର୍ଷରେ ଓଡ଼ିଆ ସିନେମା ଯାତ୍ରା । ଏଇ ଦୀର୍ଘଯାତ୍ରା ପଥରେ ଅନେକ ସୁନ୍ଦର ଓ ସଫଳ ସିନେମା ଦର୍ଶକଙ୍କୁ ଭେଟି ଦେଇଛି ଓଲିଉଡ୍ ଇଣ୍ଡଷ୍ଟ୍ରୀ । ତେବେ ଗତ କିଛି ଦଶନ୍ଧି ହେଲା ଓଡ଼ିଆ ସିନେମାକୁ ଅନେକ ଅପବାଦ ମୁଣ୍ଡେଇବାକୁ ପଡ଼ିଛି । ତାମିଲ, ତେଲୁଗୁ, ହିନ୍ଦୀ ଫିଲ୍ମରୁ କପି କରି ସିନେମା ତିଆରି ହେଉଥିବା ଅଭିଯୋଗ ହେଉଥିଲା । ଯାହା ଫଳରେ ଓଡ଼ିଆ ସିନେମା ଦେଖିବାରୁ ଦର୍ଶକମାନେ ମୁହଁ ଫେରାଇ ନେଉଥିଲେ । ତେବେ ଗତକିଛି ବର୍ଷ ହେଲା ଏହି ଧାରଣା ସଂପୂର୍ଣ୍ଣ ବଦଳିବାରେ ଲାଗିଛି । ଓଲିଉଡ୍ ଇଣ୍ଡଷ୍ଟ୍ରୀରେ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି । ମୌଳିକ କାହାଣୀ, ଓଡ଼ିଆ ସଂସ୍କୃତି, ପରମ୍ପରାକୁ ନେଇ ଓଲିଉଡ୍ ପ୍ରଯୋଜକ, ନିର୍ଦ୍ଦେଶକମାନେ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଅଙ୍ଗୀକାରବଦ୍ଧ ହେଲେଣି । ଫଳରେ ଗୋଟିଏ ପରେ ଗୋଟିଏ ନୂଆ ଧରଣର ସିନେମା ଭେଟି ଦେବାରେ ଲାଗିଛନ୍ତି ଆମ ପ୍ରଯୋଜକ, ନିର୍ଦ୍ଦେଶକମାନେ । ବର୍ତ୍ତମାନ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ବଡ଼ ତାରକାଙ୍କୁ ନେଇ ନୁହେଁ, ବରଂ ଭଲ ଓ ମୌଳିକ କାହାଣୀକୁ ନେଇ ଲୋକପ୍ରିୟ ହେବାରେ ଲାଗିଛି । ଯୁବ କଳାକାରଙ୍କ ହୃଦୟସ୍ପର୍ଶୀ ଅଭିନୟ, ନୂତନ ଟେକ୍ନୋଲୋଜିର ପ୍ରୟୋଗ, ଧମାକାଦାର ନୃତ୍ୟ, ଗୀତ ସିନେପ୍ରେମୀଙ୍କୁ ପୁଣି ଥରେ ପ୍ରେକ୍ଷାଳୟ ମୁହାଁ କରାଇଛି । ଏହି ପରିପ୍ରେକ୍ଷୀରେ ୨୦୨୬ ମସିହାରେ ରିଲିଜ ହୋଇଥିବା କେତୋଟି ଓଡ଼ିଆ ଚଳଚ୍ଚିତ୍ରର ସଫଳତାକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରିପୋର୍ଟ ।

ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଏବେ ସରଗରମ ଆଲୋଚନା । ଓଡ଼ିଆ ସିନେମାକୁ ନେଇ ଦର୍ଶକଙ୍କ ଭିତରେ ଉତ୍ସୁକତା ବଢ଼ିବାରେ ଲାଗିଛି । ଅନେକ ପ୍ରେକ୍ଷାଳୟରେ ଶୋ' ହାଉସ୍ ଫୁଲ୍, ରାତି ବାରଟା ପର୍ଯ୍ୟନ୍ତ ପରିବାର ସହିତ ସିନେମା ଦେଖୁଛନ୍ତି ଲୋକେ । ବଲିଉଡ୍ର ବଡ଼ ତାରକାଙ୍କ ବଡ଼ ବଜେଟ୍ର ସିନେମା ସହିତ ଟକ୍କର ଦେଉଛି ଓଡ଼ିଆ ଚଳଚ୍ଚିତ୍ର । ବ୍ୟବସାୟିକ ସଫଳତା, ଦର୍ଶକୀୟ ପ୍ରଶଂସା ସିନେମାର ସଫଳତା ବଖାଣୁଛି । ୨୦୨୬ ଜାନୁଆରୀରୁ ମେ' ମାସ ପ୍ରଥମ ସପ୍ତାହ ମଧ୍ୟରେ ରିଲିଜ୍ ହୋଇଥିବା ଅନେକ ସିନେମା ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛି । 'ମନ୍ତ୍ରମୁଗ୍ଧ', ' କାଙ୍ଗୁଲା: ମା' କାଳୀ ଦଣ୍ଡନାଟ', 'କାନ୍ଦମାଷ୍ଟ୍ରେ', 'ବିନ୍ଦୁ ସାଗର', 'ମୁରବି', 'ଆପା ', 'ପୂୟୋଦକମ୍', 'ଚାରିକାନ୍ଧ' ଆଦି ଓଡ଼ିଆ ଚଳଚ୍ଚିତ୍ର ଏହାର ଗୋଟିଏ ଗୋଟିଏ ଉଦାହରଣ । ଏହି ସବୁ ସିନେମାଗୁଡ଼ିକର ମୌଳିକ କାହାଣୀ, ନିଛକ ଓଡ଼ିଆ ସଂସ୍କୃତି, ପରମ୍ପରା, ଓଡ଼ିଆ ଜନଜୀବନ କଥା ପ୍ରଦର୍ଶିତ ହୋଇଛି । ସେହିପରି ଯୁବ ଅଭିନେତାଅଭିନେତ୍ରୀଙ୍କ ହୃଦୟସ୍ପର୍ଶୀ ଅଭିନୟ, ମନଛୁଆଁ ନୃତ୍ୟ,ଗୀତ ସିନେପ୍ରେମୀଙ୍କୁ ଅଧିକ ଆକୃଷ୍ଟ କରିଛି ।

## ଭୂତ ଭୟ ଓ ହାସ୍ୟରସ

ଭୂତ, ପ୍ରେତକୁ ନେଇ ବଲିଉଡ୍ରେ ଅନେକ ଫିଲ୍ମ ନିର୍ମିତ ହୋଇଛି । ଓଡ଼ିଆରେ ମଧ୍ୟ କେତୋଟି ଭୂତ ଆଧାରିତ ଚଳଚ୍ଚିତ୍ର ବେଶ୍ ସଫଳତା ପାଇଛି । ତେବେ ମନ ଭିତରେ ଭୂତର ଭୟ, ଦ୍ୱନ୍ଦ୍ୱ, ଆଶଙ୍କା ଓ ସଂପୂର୍ଣ୍ଣ ହାସ୍ୟରସାତ୍ମକ ଚଳଚ୍ଚିତ୍ର ଭାବେ 'ମନ୍ତ୍ରମୁଗ୍ଧ' ଓଡ଼ିଆ ସିନେ ଦର୍ଶକଙ୍କ ହୃଦୟ ଜୟ କରିବାରେ ସଫଳ ହୋଇଛି । ରହସ୍ୟମୟ ରାଜବାଟୀ, ଅପୂର୍ବ ସଙ୍ଗୀତର ମୂର୍ଚ୍ଛନା, ହାସ୍ୟରୋଳର ଖୋରାକ ଦର୍ଶକଙ୍କ ମନ ଓ ହୃଦୟକୁ ମୁଗ୍ଧ କରିଛି । ଅମିୟ ପଟ୍ଟନାୟକ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ 'ମନ୍ତ୍ରମୁଗ୍ଧ'ର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଅଳ୍ପ କିଛି ଦିନରେ 'ମନ୍ତ୍ରମୁଗ୍ଧ' ବେଶ୍ ବ୍ୟବସାୟିକ ସଫଳତା ମଧ୍ୟ ଲାଭ କରିଛି ।

## ଓଡ଼ିଆ ସଂସ୍କୃତିର ପ୍ରତିଫଳନ

ଝିଅ ବିବାହ ପରେ ବାପଘରୁ ଶାଶୁଘରକୁ ଯିବା ସମୟରେ କାନ୍ଦିବା ଓଡ଼ିଆ ଘରର ଏକ ବହୁ ପ୍ରାଚୀନ ପରମ୍ପରା । ଧୀରେ ଧୀରେ ଏହି ପରମ୍ପରା ଲୋପ ପାଇବାରେ ଲାଗିଛି । ନିଜ ପ୍ରିୟଜନ, ବନ୍ଧୁବାନ୍ଧବଙ୍କଠାରୁ ଦୂରେଇ ରହିବାର ବିରହ ବେଦନା ନବ ବିବାହିତ ଯୁବତୀ ପାଇଁ ବହୁତ କଷ୍ଟକର । ସେଥିପାଇଁ ଶାଶୁଘରକୁ ଯିବାବେଳେ ସେ ବାପା,ମାଆ, ଭାଇଭାଉଜ, ଭଉଣୀ, ପ୍ରିୟଜନଙ୍କୁ କୋଳେଇ ଧରି ବାହୁନି ବାହୁନି କାନ୍ଦିଥାଏ । ଓଡ଼ିଶାର ଏଭଳି ଏକ ଲୋକ ସଂସ୍କୃତି ଓ ଚଳଣିକୁ ନେଇ ତିଆରି ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦମାଷ୍ଟ୍ରେ' । ପୁରୁଣା ସଂସ୍କୃତିକୁ ପୁଣି ଥରେ ମନେ ପକାଇ ଦିଏ ଏହି ଚଳଚ୍ଚିତ୍ର । ସେହିପରି 'କାଙ୍ଗୁଲା: ମା' କାଳୀର ଦଣ୍ଡନାଚ' ଚଳଚ୍ଚିତ୍ରରେ ମଧ୍ୟ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଚିତ୍ର ପ୍ରଦର୍ଶିତ ହୋଇଛି । ଅନୁଗୁଳ ଜିଲ୍ଲାର କାଙ୍ଗୁଲା ଗାଁର ପାରମ୍ପରିକ ଦଣ୍ଡନାଚକୁ ଖୁବ୍ ଆକର୍ଷଣୀୟ ଭାବେ ଚଳଚ୍ଚିତ୍ରରେ ରୂପାୟିତ କରାଯାଇଛି । ଭକ୍ତି, ବିଶ୍ୱାସ ଓ ପରମ୍ପରାକୁ ଆଧାର କରି ଏହି ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି । ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'କାଙ୍ଗୁଲା'ରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ଦେଖିବାକୁ ମିଳେ । ଜଣେ ଦିଗହରା ଯୁବକ ଗାଁର ଅଧିଷ୍ଠାତ୍ରୀ ଦେବୀ କାଙ୍ଗୁଲା ମା'ଙ୍କ ଦଣ୍ଡ ନୃତ୍ୟ କରି ନିଜର କିଭଳି ଆସ୍ଥା ଓ ବିଶ୍ୱାସ ପ୍ରକଟ କରୁଛି ତାହା ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଛି । ସେହିପରି 'ବିନ୍ଦୁସାଗର'ରେ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ସୁନ୍ଦର ସମ୍ମିଶ୍ରଣ ଦେଖିବାକୁ ମିଳିଛି । ଫିଲ୍ମର ନିର୍ଦ୍ଦେଶନା ଅଭିଷେକ ସ୍ୱାଇଁ ଦେଇଥିବା ବେଳେ କାହାଣୀ ଲେଖିଛନ୍ତି ଅଭିଷେକ ଦାସ । ଏହି ଫିଲ୍ମରେ ଗୀତଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ଦୀପନ୍ୱିତ ଓ ପ୍ରକୃତିଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି ।

୨୦୨୬ ଫେବୃଆରୀ ୧୩ ତାରିଖରେ ରିଲିଜ ହୋଇଥିଲା 'ବର ବଧୂ' । ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହି ସିନେମାର କାହାଣୀରେ ଦେଖିବାକୁ ମିଳିଥିଲା । ଏହା ଗ୍ରାମ୍ୟ ବେକାରୀ ସମସ୍ୟା ଓ ଏକ ନିଆରା ପ୍ରେମ ଉପରେ ଆଧାରିତ କାହାଣୀ । ଏକ ଭିନ୍ନ ସ୍ୱାଦର କଳାତ୍ମକ ସିନେମା ହେଉଛି 'ବର ବଧୂ' । କେତୋଟି ହାସ୍ୟରସାତ୍ମକ ଦୃଶ୍ୟ ଦର୍ଶକଙ୍କ ଭିତରେ ହସର ଖୋରାକ ଯୋଗାଇଥିଲା । ଚନ୍ଦ୍ରମଣିଙ୍କ ପ୍ରଯୋଜିତ ତଥା ବିଶ୍ୱରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ବର ବଧୂ'କୁ ଦର୍ଶକମାନେ ବେଶ୍ ପସନ୍ଦ କରିଥିଲେ ।

'ରିତୁପ୍ରିୟା ପ୍ରଡ଼କ୍ସନ' ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା 'ଚାରିକାନ୍ଧ' ମଧ୍ୟ ଦର୍ଶକଙ୍କ ହୃଦୟକୁ ଛୁଇଁବାରେ ସଫଳ ହୋଇପାରିଛି । ଏହି ଫିଲ୍ମଟି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ଦର୍ଶକୀୟ ପ୍ରଶଂସା ସାଉଁଟିଛି । ସେହିପରି ୨୨ରୁ ଅଧିକ ପୁରସ୍କାର ଲାଭ କରିଛି । ସାମ୍ପ୍ରତିକ ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣ ଓ କିଛି ଭିନ୍ନ କଥାକୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି । ଏହି ସିନେମାର କାହାଣୀ ,ଚିତ୍ରନାଟ୍ୟ ଅତିଶ କୁମାର ରାଉତ ରଚନା କରିଛନ୍ତି ଓ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ । ସେହିପରି 'ମୁରବି', 'ଆପା', 'ପୂୟୋଦକମ୍', 'ରକ୍ତଗୋଲାପ', 'ମିଡ୍ ନାଇଟ୍' ଆଦି ଚଳଚ୍ଚିତ୍ରଗୁଡ଼ିକ ମଧ୍ୟ ଦର୍ଶକଙ୍କ ହୃଦୟରେ ରାଜ୍ କରିବାରେ ସଫଳ ହୋଇଛି । କେବଳ କାହାଣୀ ନୁହେଁ, ଗୀତ, ନୃତ୍ୟ, ଟେକ୍ନୋଲୋଜି, ସଂପାଦନା ସବୁ କ୍ଷେତ୍ରରେ ବେଶ୍ ଆଗୁଆ ଅଛି ବର୍ତ୍ତମାନର ଓଡ଼ିଆ ଚଳଚ୍ଚିତ୍ର ।

୨୦୨୬ ମସିହାରେ ଗୋଟିଏ ପରେ ଗୋଟିଏ ମୌଳିକ କାହାଣୀକୁ ନେଇ ଚଳଚ୍ଚିତ୍ର ପରଦାକୁ ଆସିବାରେ ଲାଗିଛି । ଓଡ଼ିଆ ମାଟି, ପବନ, ସଂସ୍କୃତି, ପରମ୍ପରାର କଥା ଓ ଗାଥାକୁ ସିନେମାରେ ପ୍ରଦର୍ଶିତ କରାଯାଇଛି । ଫଳରେ ଦର୍ଶକମାନଙ୍କୁ ଏହା ଖୁବ୍ ଆକୃଷ୍ଟ କରୁଛି । ଯେଉଁ ଦର୍ଶକମାନେ ଏକଦା ପ୍ରେକ୍ଷାଳୟରୁ ମୁହଁ ଫେରାଇ ଆଣୁଥିଲେ । ପୁଣି ଥରେ ସେମାନେ ହଲ୍ ମୁହାଁ ହୋଇଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଓଡ଼ିଆ ସିନେମାରେ ନୂତନ ସୂର୍ଯ୍ୟୋଦୟ ହୋଇଛି । ଓଡ଼ିଆ ଚଳଚ୍ଚିତ୍ରରେ ଓଡ଼ିଶାର ଜନଜୀବନ, କଳା,ସଂସ୍କୃତି, ପରମ୍ପରାର ଗାଥା ବେଶ୍ ପ୍ରଭାବଶାଳୀ ଭାବେ ପ୍ରଦର୍ଶିତ କରାଯାଉଛି । ପୁଣି ଯୁବ କଳାକାରଙ୍କ ଅଭିନୟର ଯାଦୁ, ଆକର୍ଷଣୀୟ ନୃତ୍ୟ, ଗୀତ ଦର୍ଶକଙ୍କୁ ଆକୃଷ୍ଟ କରୁଛି । ଏହି ପରିବର୍ତ୍ତନର ଧାରା ଆଗକୁ ବଜାୟ ରହିଲେ ନିଶ୍ଚିତ ଭାବେ ଓଲିଉଡ୍ ଇଣ୍ଡଷ୍ଟ୍ରୀ ନୂଆ ରେକର୍ଡ ସୃଷ୍ଟି କରିବ ।



# 'ମନ୍ତ୍ରମୁଗ୍ଧ'ରେ ଦର୍ଶକ ମୁଗ୍ଧ

ଚଳିତ ମେ' ୧ ତାରିଖରେ ରିଲିଜ୍ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' । ଓଲିଉଡ୍ର ପାରମ୍ପରିକ ଧାରାରୁ ଭିନ୍ନ ଶୈଳୀରେ ନିର୍ମିତ ଏହି ଚଳଚ୍ଚିତ୍ର । ହରର୍ ଓ ହାସ୍ୟରସାତ୍ମକ ଏହି ଚଳଚ୍ଚିତ୍ରକୁ ନେଇ ସିନେପ୍ରେମୀଙ୍କ ଭିତରେ ଚର୍ଚ୍ଚା ଲାଗି ରହିଛି । ରିଲିଜ୍ର ପ୍ରଥମ ଦିନରୁ ଏହା ଦର୍ଶକଙ୍କ ହୃଦୟରେ ରାଜ କରିସାରିଛି । ଏହା ଏକ ପାରିବାରିକ ମନୋରଞ୍ଜନଧର୍ମୀ ସିନେମା । ମୌଳିକ କାହାଣୀକୁ ନେଇ ତିଆରି ହୋଇଥିବାରୁ 'ମନ୍ତ୍ରମୁଗ୍ଧ' ସିନେ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି ।


## ଭୟ, ହାସ୍ୟରସ ଓ ସଙ୍ଗୀତର ମିଳନ

'ମନ୍ତ୍ରମୁଗ୍ଧ'ର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ହାସ୍ୟବ୍ୟଙ୍ଗ ଦେଖିବାକୁ ମିଳିଛି । ଏହି ଚଳଚ୍ଚିତ୍ରର ସନ୍ନି, ମନ୍ତ୍ର, ଚିନ୍ତାମଣି, ପିଏମ୍ ଆଦି ପ୍ରତିଟି ଚରିତ୍ରଙ୍କ ଅଭିନୟରେ ହାସ୍ୟରସ ଦର୍ଶକଙ୍କୁ ମୁଗ୍ଧ କରିଛି । ସେହିପରି ଭୂତ, ପ୍ରେତାତ୍ମାର ଭୟ, ଦ୍ୱନ୍ଦ୍ୱ ଦର୍ଶକଙ୍କୁ ଅନିଶ୍ଚିତା ଭିତରେ ବାନ୍ଧି ରଖେ । ସଙ୍ଗୀତ ମଣିଷ ଜୀବନକୁ ପବିତ୍ର, ପ୍ରେମମୟ, ଆନନ୍ଦମୟ କରିଥାଏ । ଏହା ପ୍ରଦର୍ଶିତ ହୋଇଛି ଏହି ଚଳଚ୍ଚିତ୍ରରେ । ସେପଟେ ଲୋକପ୍ରିୟ ହାସ୍ୟ ଅଭିନେତା ପପୁ ପମ୍ପମ୍ଙ୍କ ଗୀତ 'ଡବା ଭିତରେ ପସ୍' ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଛି । ସେହିପରି ଅନ୍ୟ ଏକ ଗୀତରେ ଚାରି ଜଣ ନାୟକ ଓ ନାୟିକାଙ୍କ ଅଭିନୟର ଯାଦୁ ଦର୍ଶକଙ୍କୁ ମୁଗ୍ଧ କରିଛି । ଭୟ, ହାସ୍ୟରସ, ସସ୍ପେନ୍ସ ଏବଂ ସଙ୍ଗୀତର ଏକ ନିଆରା ମିଶ୍ରଣ 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଛି ।

## ରାଜପରିବାରର ମୂକସାକ୍ଷୀ ରାଜବାଟୀ



ଏକ ରହସ୍ୟମୟ ରାଜପ୍ରାସାଦକୁ ନେଇ 'ମନ୍ତ୍ରମୁଗ୍ଧ'ର କାହାଣୀ ଗତିଶୀଳ । ଗୋଟିଏ କମ୍ପାନି ପକ୍ଷରୁ ପୁରୁଣା ରହସ୍ୟମୟ 'ମୁଗ୍ଧା ପ୍ୟାଲେସ୍'କୁ ପୁନରୁଦ୍ଧାର କରି ଏକ ଭବ୍ୟ ହୋଟେଲ କରିବା ପାଇଁ ସ୍ଥିର କରାଯାଏ । ଏହି ନୂଆ ପ୍ରୋଜେକ୍ଟର ସ୍ଥିତି ପରଖିବାକୁ ଚାରି ଜଣ ଯୁବ କର୍ମଚାରୀ ସେହି ପରିତ୍ୟକ୍ତ ରାଜ ପ୍ରସାଦକୁ ଯାଆନ୍ତି । ରାଜମହଲର ଇତିହାସ, ରାଜବାଟୀର ବର୍ତ୍ତମାନ ସ୍ଥିତି, ରାଜପରିବାର ବଂଶଧରଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରିବା ସେମାନଙ୍କ ଉଦ୍ଦେଶ୍ୟ । ସେଠାରେ ପହଞ୍ଚିବା ପରେ ସେମାନେ ଯେଉଁ ଅଲୌକିକ ତଥା ଭୟାନକ ଘଟଣାର ସମ୍ମୁଖୀନ ହୁଅନ୍ତି ତାହା ବେଶ୍ ଲୋମହର୍ଷଣକାରୀ । ମହାରାଜଙ୍କ ଏକମାତ୍ର କନ୍ୟା ରାଜକୁମାରୀ ମୁଗ୍ଧା ଥିଲେ ଅତ୍ୟନ୍ତ ସଙ୍ଗୀତ ପ୍ରିୟ । ତେବେ ସଙ୍ଗୀତ ଶିକ୍ଷା ପାଇଁ ମହାରାଜ ବାରମ୍ବାର ବାରଣ କରିବାରୁ ରାଜକୁମାରୀ ମୁଗ୍ଧା ଆତ୍ମହତ୍ୟା କରନ୍ତି । ରାଜକୁମାରୀଙ୍କ ମୃତ୍ୟୁରେ ମ୍ରିୟମାଣ ରାଜା ମଧ୍ୟ ବନ୍ଧୁକରେ ନିଜକୁ ନିଜେ ଗୁଳିମାରି ଆତ୍ମହତ୍ୟା କରନ୍ତି । ମହାରାଜା ଓ ରାଜକୁମାରୀଙ୍କ ଆତ୍ମା ବନ୍ଦ କୋଠରିରେ ରହିଥିଲା । ତେଣୁ ସେଇ କୋଠରି ଦୀର୍ଘ ବର୍ଷ ବର୍ଷ ଧରି ଖୋଲା ଯାଉ ନଥିଲା । ଏପରିକି ସଙ୍ଗୀତ ପ୍ରିୟ ରାଜକୁମାରୀଙ୍କ ମୃତ୍ୟୁ ପରେ ରାଜବାଟୀ ଓ ସେଇ ଗାଁରେ ଗୀତ ଗାଇବା ବା କୌଣସି ରେକର୍ଡ଼ି ମ୍ୟୁଜିକ୍ ବଜାଇବା ନିଷେଧ କରାଯାଇଥିଲା । ରାଜପରିବାର ଶେଷ ବଂଶଧର ତଥା ରାଜବାଟୀର ଜଗୁଆଳିଙ୍କ ବାରଣ ସତ୍ତ୍ୱେ କୋଠରିର ଦ୍ୱାର ଖୋଲି ଦେଇ ଭିତରକୁ ପ୍ରବେଶ କରିଛନ୍ତି ମନ୍ତ୍ର, ସନ୍ନି, ଚିନ୍ତାମଣି ଓ ଅଙ୍କିତା ଚାରି ଯୁବ କର୍ମଚାରୀ । ସେଠାରେ ଥିବା ହାରମୋନିୟମ୍କୁ ବଜାଇବା ପରେ ରାଜକୁମାରୀ ମୁଗ୍ଧାଙ୍କ ଆତ୍ମା ଅଙ୍କିତା ଭିତରେ ପ୍ରବେଶ କରେ । ଅଙ୍କିତା ଦେହରୁ ପ୍ରେତାତ୍ମା ଛଡ଼ାଇବାଠାରୁ ଆରମ୍ଭ କରି ରାଜବାଟୀରେ ସଙ୍ଗୀତ ଆସର ଆୟୋଜନ କରିବା ପର୍ଯ୍ୟନ୍ତ ପ୍ରତିଟି ଘଟଣା ରହସ୍ୟମୟ ଓ ହାସ୍ୟରସ ମାଧ୍ୟମରେ ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଛି ।




## ଯୁବ କଳାକାରଙ୍କ କମାଲ

ଅମିୟ ପଟ୍ଟନାୟକ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ 'ମନ୍ତ୍ରମୁଗ୍ଧ' । ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଗୋପାଳ ଚନ୍ଦ୍ର ଘଡ଼ାଇ କାର୍ଯ୍ୟନିର୍ବାହୀ ପ୍ରଯୋଜକ ରହିଛନ୍ତି । ସାର୍ଥକ, ସନୋଜ, ମନ୍ମୟ, ଦୀପନ୍ୱିତ, ଭୂମିକା ଏବଂ ସୂର୍ଯ୍ୟମୟୀଙ୍କ ଭଳି ଯୁବ ଓ ପ୍ରତିଭାବାନ କଳାକାରମାନଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖୁଛି । ସେହିପରି ବର୍ଷା ପଟ୍ଟନାୟକ, ନିଶାନ୍ତ,ହର ରଥ, ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖଙ୍କ ଅଭିନୟ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । ରିଲିଜ୍ର ପ୍ରଥମ ଦିନରୁ 'ମନ୍ତ୍ରମୁଗ୍ଧ' ଭଲ ବ୍ୟବସାୟ କରିଛି । ମ ଲ୍ଟି ଯଙ୍ଗ ଷ୍ଟାର୍ସଙ୍କୁ ନେଇ ନିର୍ମିତ ମନ୍ତ୍ରମୁଗ୍ଧ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ଧାରା ପରିବର୍ତ୍ତନର ସୂତ୍ରଧର ସାଜିଛି । ଅତ୍ୟାଧୁନିକ ଭିଏଫ୍ଏକ୍ସ, ଗ୍ରାଫିକ୍ସ, ହରର୍, କମେଡି ସାଙ୍ଗକୁ ମ୍ୟୁଜିକ୍ ସବୁକିଛି ଦର୍ଶକଙ୍କୁ ନୂଆ ଅନୁଭୂତି ଆଣି ଦେଇଛି ।

ଗଞ୍ଜାମ ଜିଲ୍ଲାର ଧରାକୋଟର ପ୍ରାଚୀନ ରାଜପ୍ରସାଦରେ ଦୀର୍ଘ ୫୦ ଦିନ ଧରି ସୁଟିଂ ହୋଇଥିବା ଛାତିଥରା ଦୃଶ୍ୟ ମନ୍ତ୍ରମୁଗ୍ଧ ମାଧ୍ୟମରେ ଦର୍ଶକ ଦେଖିବାକୁ ପାଉଛନ୍ତି । ଧରାକୋଟର ପ୍ରାଚୀନ ରାଜ ପ୍ରସାଦରେ ରହିଛି ଅନେକ ଐତିହ୍ୟ । ଓଡ଼ିଆ ମାନଚିତ୍ରରେ ତା'ର ସ୍ୱତନ୍ତ୍ର ପରିଚୟ ରହିଛି, ହେଲେ ଆଜି ବି ଅବହେଳିତ ହୋଇ ରହିଛି ଧରାକୋଟ ରାଜବାଟୀ' ପୁରୁଣା ରାଜବାଟୀରୁ ପୁନରୁଦ୍ଧାର କରାଯିବାକୁ ଏକ ବାର୍ତ୍ତା ରହିଛି ଏହି ଚଳଚ୍ଚିତ୍ରରେ । ପୂରା ପାରିବାରିକ ମନୋରଞ୍ଜନଧର୍ମୀ ହରର୍ ଓ ହାସ୍ୟରସାତ୍ମକ କାହାଣୀକୁ ନେଇ ନିର୍ମିତ 'ମନ୍ତ୍ରମୁଗ୍ଧ' ଦେଖିବାକୁ ଦର୍ଶକଙ୍କ ଭିତରେ ଆଗ୍ରହ ବଢ଼ିବାରେ ଲାଗିଛି ।





# 'ବିନ୍ଦୁ ସାଗର'ରେ ଓଡ଼ିଆ କଳା ସଂସ୍କୃତିର ଝଲକ

**ସାରା ଭାରତରେ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁ ସାଗର' । 'ପ୍ଲାଟୁନ୍ ୱାନ୍ ଫିଲ୍ମସ୍' ଦ୍ୱାରା ନିର୍ମିତ ଏହି ସିନେମାରେ ରହିଛି ଓଡ଼ିଆ ମାଟିର ଗନ୍ଧ ଓ ସଂସ୍କୃତିର ସ୍ପର୍ଶ । ସିନେମାଟିର ମୌଳିକ କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବା ଜଣାପଡ଼ିଛି । ଓଡ଼ିଆ ସିନେମା ପରିବର୍ତ୍ତନର ଧାରାରେ 'ବିନ୍ଦୁ ସାଗର'ର ଯୋଗଦାନ ଏକାନ୍ତ ଉଲ୍ଲେଖନୀୟ ।**



## ମନଛୁଆଁ ଗୀତ

'ବିନ୍ଦୁ ସାଗର' ଫିଲ୍ମରେ ରହିଛି ମୋଟ ନଅଟି ଗୀତ । ଯେଉଁଥିରେ ସ୍ୱର୍ଗତ ହ୍ୟୁମାନ ସାଗର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ଅନନ୍ୟା ଶ୍ରୀତମ ନନ୍ଦ,ଅସୀମା ପଣ୍ଡା ଓ ଆଶିଷ ପ୍ରଧାନ କଣ୍ଠଦାନ କରିଛନ୍ତି । ମହାଦେବ ରାଉତଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ମନଛୁଆଁ ହୋଇ ପାରିଛି । 'ବିନ୍ଦୁସାଗର'ର ଏକ ପ୍ରମୁଖ ଗୀତ ହେଉଛି 'ଟାଙ୍ଗା' । ଏହି ଗୀତଟି ଓଡ଼ିଆ ସଙ୍ଗୀତ ଜଗତ ପାଇଁ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ । କାରଣ ଏହାର କଣ୍ଠଶିଳ୍ପୀ ତଥା ମେଲୋଡି କିଙ୍ଗ୍ ହ୍ୟୁମାନ ସାଗରଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ଶେଷ ଗୀତଗୁଡ଼ିକ ମଧ୍ୟରୁ ଅନ୍ୟତମ । 'ଟାଙ୍ଗା'ରେ ହ୍ୟୁମାନ ସାଗରଙ୍କ ହୃଦୟସ୍ପର୍ଶୀ ଶୈଳୀକୁ ପ୍ରତିଫଳିତ କରୁଛି । ■

## ପ୍ରକୃତି ଓ ଦୀପନ୍ୱିତଙ୍କ ଯୋଡ଼ି

'ବିନ୍ଦୁ ସାଗର' ଫିଲ୍ମଟି ରିଲିଜ୍ ପୂର୍ବରୁ ଡିଜିଟାଲ୍ ମାଧ୍ୟମରେ ବ୍ୟାପକ ପ୍ରଭାବ ସୃଷ୍ଟି କରିଥିଲା । ସିନେମାର ଟିଜର୍ ଓ ସଙ୍ଗୀତ ଦର୍ଶକମାନଙ୍କ ଭିତରେ ବିଶେଷ ଆକର୍ଷଣ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ମୁମ୍ବାଇର ଶିଳାଦିତ୍ୟ ବୋରା ଏହାର ପ୍ରଯୋଜନା କରିଥିବା ବେଳେ ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ ନିର୍ଦ୍ଦେଶନା ଦେଇଛନ୍ତି । ସିନେମାର ମୁଖ୍ୟ ଚରିତ୍ରରେ ପ୍ରକୃତି ମିଶ୍ର ଓ ଦୀପନ୍ୱିତ ଦାସ ଚମତ୍କାର ଅଭିନୟ କରିଛନ୍ତି । ଏହି ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି । ସେହିପରି ସତ୍ୟ ରଞ୍ଜନ, ସୋନାଲି ଶର୍ମିଷ୍ଠାଙ୍କ ସମେତ ଅନେକ ବଲିଉଡ୍ କଳାକାର ରବୀନ ଦାସ, ଜଗନ୍ନାଥ ସେଠ ପ୍ରମୁଖ ଅଭିନୟ କରିଛନ୍ତି ।

## ପରମ୍ପରା ଓ ସଂସ୍କୃତିର ସୁନ୍ଦର ମିଶ୍ରଣ

ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ସୁନ୍ଦର ସମିଶ୍ରଣ ହେଉଛି 'ବିନ୍ଦୁ ସାଗର' । କେବଳ ସେତିକି ନୁହେଁ, ଏଥିରେ ଓଡ଼ିଶାର ସାଂସ୍କୃତିକ ପୃଷ୍ଠଭୂମିରୁ ଲଣ୍ଡନର ଚମକପ୍ରଦ ରାସ୍ତା ପର୍ଯ୍ୟନ୍ତ ଏକ ସାବଲୀଳ କାହାଣୀ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଆଣିଦେଇଛି । ତେଣୁ ଏହାର କାହାଣୀ ଦର୍ଶକଙ୍କୁ ସିନେମା ସହିତ ଗଭୀର ଭାବେ ଯୋଡ଼ି ରଖିବାକୁ ସକ୍ଷମ ।

**ସାରା ବିଶ୍ୱରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଓଡ଼ିଶାର ଲୋକସଂସ୍କୃତିରେ କାନ୍ଦଣା ଗୀତର ବେଶ୍ ମହତ୍ତ୍ୱ ରହିଛି । କାନ୍ଦଣା ଗୀତ ଦୁଇ ପ୍ରକାର । ଗୋଟିଏ ବିବାହକାଳୀନ କାନ୍ଦଣା ଓ ଅନ୍ୟଟି ମୃତ୍ୟୁକାଳୀନ କାନ୍ଦଣା । ଓଡ଼ିଶାରେ ଝିଅମାନେ ବିବାହ ପରେ ବାପଘରୁ ଶାଶୂଘରକୁ ବିଦାୟ ହେଲା ବେଳେ ବାହୁନି ବାହୁନି ଗୀତ ଗାଇ କାନ୍ଦିବାକୁ ବିବାହକାଳୀନ କାନ୍ଦଣା ଗୀତ କୁହାଯାଏ । ସେହିପରି ପ୍ରିୟଜନଙ୍କ ପରଲୋକର ଶୋକରେ କାନ୍ଦିବାକୁ ମୃତ୍ୟୁକାଳୀନ କାନ୍ଦଣା କୁହାଯାଏ । ତେବେ ଧୀରେ ଧୀରେ ଆମ ସମାଜରୁ କାନ୍ଦଣା ଗୀତ ପ୍ରଥା ଲୋପ ପାଇବାକୁ ଯାଉଛି । ବିବାହକାଳୀନ କାନ୍ଦଣା ଗୀତକୁ ନେଇ ତିଆରି ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦ ମାଷ୍ଟ୍ରେ' ।**



# 'କାନ୍ଦ ମାଷ୍ଟ୍ରେ'ରେ ଓଡ଼ିଆ ପରମ୍ପରାର ଚିତ୍ର



## ଗ୍ରାମ୍ୟ ସଂସ୍କୃତି ଓ ଚଳଣିର ପ୍ରତିଫଳନ

ଓଡ଼ିଶାର ଗ୍ରାମ୍ୟ ସଂସ୍କୃତି ଓ ଚଳଣି ଦେଖିବାକୁ ମିଳେ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ରରେ । ଏହି ଚଳଚ୍ଚିତ୍ରଟି କାନ୍ଦଣା ପ୍ରସଙ୍ଗରୁ ଆରମ୍ଭ ହୋଇଛି । ଗ୍ରାମ୍ୟ ପରିବେଶ, ଗ୍ରାମ୍ୟ ସଂସ୍କୃତି, ଗ୍ରାମ୍ୟ ଜୀବନଶୈଳୀକୁ ନିଖୁଣ ଭାବେ ଫୁଟାଇବାକୁ ପ୍ରୟାସ କରାଯାଇଛି ଏହି ଚଳଚ୍ଚିତ୍ରରେ । ହଜି ଯାଇଥିବା ଆମ ସଂସ୍କୃତି ଓ ପରମ୍ପରାକୁ ପୁଣି ଥରେ ଅନୁଭବ କରିହୁଏ 'କାନ୍ଦ ମାଷ୍ଟ୍ରେ'ର କାହାଣୀ ଭିତରେ । ବିବାହକାଳୀନ କାନ୍ଦଣା ଗୀତ ପରି ଏକ ପୁରାତନ ପରମ୍ପରାକୁ ଚିତ୍ରିତ କରାଯାଇଛି ଏହି ଚଳଚ୍ଚିତ୍ରରେ । ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି ।

## ନାଟକରୁ ସିନେମା

ଅତୀତରେ ନାଟକରୁ ଅନେକ ଓଡ଼ିଆ ଚଳଚ୍ଚିତ୍ର ନିର୍ମିତ ହୋଇ ଲୋକପ୍ରିୟ ହୋଇଛି । ବହୁ ବର୍ଷର ବ୍ୟବଧାନ ପରେ ନାଟ୍ୟକାର ଜାକିର ଖାନ୍‌ଙ୍କ ନାଟକ 'କାନ୍ଦ ମାଷ୍ଟ୍ରେ'ରୁ ଏହି ଓଡ଼ିଆ ସିନେମା ତିଆରି ହୋଇଛି । ପୁରୁଣା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବୀତ କରିବା ପାଇଁ ନିର୍ମିତ ହୋଇଛି ଓଡ଼ିଆ ସିନେମା 'କାନ୍ଦ ମାଷ୍ଟ୍ରେ' । ମୂଳ ନାଟକକୁ ସିନେମା ପରଦାରେ ରୂପ ଦେବାର ଗୁରୁତ୍ୱ ଦାୟିତ୍ୱ ନିର୍ବାହ କରିଛନ୍ତି ଯୁବ ନିର୍ଦ୍ଦେଶକ ବିଶ୍ୱଜିତ ପଣ୍ଡା । ଝିଅମାନେ ବିବାହ ପରେ ବାପା, ମାଆ, ଭାଇ, ଭାଉଜ, ଭଉଣୀ, ବାନ୍ଧୁବାନ୍ଧବଙ୍କ ଅନାବିଳ ସ୍ନେହ, ମମତା, ବନ୍ଧୁତ୍ୱକୁ ମନେ ପକାଇ କାନ୍ଦି କାନ୍ଦି ଘରୁ ବିଦାୟ ନେଇଥାନ୍ତି । ନିଜ ପିଲା ବେଳର ସ୍ମୃତିକୁ ଝୁରି ହୋଇ ବିଭିନ୍ନ ସ୍ମୃତିଭରା ଗୀତ ଗାଇ କାନ୍ଦି ଥାଆନ୍ତି । ବିରହ ବେଦନାରୁ ଜାତ କାନ୍ଦଣା ଗୀତ ପରମ୍ପରା । ତେବେ ଏ ପରମ୍ପରା ନବେ ଦଶକଠୁ ଧୀରେ ଧୀରେ ଏକ ପ୍ରକାର ଲୋପ ପାଇ ବସିଲାଣି ।

## ସଙ୍ଗୀତ ଓ ଅଭିନୟର ଚମତ୍କାରିତା

୨୦୨୬ ମାର୍ଚ୍ଚ ୬ ତାରିଖରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦ ମାଷ୍ଟ୍ରେ' । ଏହି ସିନେମାରେ ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା, କାହାଣୀ ଓ ସଂଳାପ ଜାକିର ଖାନ ଲେଖିଥିବାବେଳେ ଚିତ୍ରନାଟ୍ୟରେ ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା ଅଛନ୍ତି । ଅଭିନେତ୍ରୀ ଲିପ୍‌ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟଙ୍କ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି । ବିଭୁ ପ୍ରସାଦ (କାନ୍ଦମାଷ୍ଟ୍ରେ) ଓ ଲିପ୍‌ସା ମିଶ୍ର (ବିଧବା ରାଧିକା)ଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ



ହୃଦୟକୁ ଛୁଇଁ ପାରିଛି । ଏହି ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ । ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । ପ୍ରଚ୍ଛଦପଟ ସଂଗୀତ ଓ ଗୀତଗୁଡ଼ିକ ବେଶ୍ ମନଛୁଆଁ ହୋଇଛି । ଆବଶ୍ୟକ ସ୍ଥଳରେ ପାରମ୍ପରିକ କେନ୍ଦରା ଗୀତ ଓ ବାଦ୍ୟର ବ୍ୟବହାର କରାଯାଇଛି । ଫଳରେ ଓଡ଼ିଆ ସଂସ୍କୃତିର ଗରିମା ଚଳଚ୍ଚିତ୍ରକୁ ଆହୁରି ମାର୍ମିକ କରିଛି । ଏହି ଚଳଚ୍ଚିତ୍ରର କ୍ରିଏଟିଭ୍ ପ୍ରଡ୍ୟୁସର୍ ଇତିଶ୍ରୀ ପାଣିଗ୍ରାହୀ ଅଛନ୍ତି । ଅଭିନୟଠାରୁ ଆରମ୍ଭ କରି ନିର୍ଦ୍ଦେଶନା, କଳା ସମ୍ପାଦନା, ଆଲୋକ, ସଙ୍ଗୀତ ପର୍ଯ୍ୟନ୍ତ ପ୍ରତିଟି ଦିଗକୁ ସଫଳ କରିବା ପାଇଁ ପ୍ରୟାସ କରାଯାଇଛି । 'କାନ୍ଦ ମାଷ୍ଟ୍ରେ' ସିନେ ଦର୍ଶକଙ୍କୁ ବେଶ୍ ଭାବପ୍ରବଣ କରିଛି । ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ନୂତନ ଧାରାରେ 'କାନ୍ଦ ମାଷ୍ଟ୍ରେ' ଏକ କଳାତ୍ମକ ସିନେମା ଭାବେ ଉଦାହରଣ ହୋଇ ରହିବ ବୋଲି ସିନେ ପ୍ରେମୀମାନେ କହନ୍ତି । ■



## ମନଛୁଆଁ କାହାଣୀ ଓ ସଙ୍ଗୀତ

କାଙ୍ଗୁଲା ଗାଁର ଦଣ୍ଡନାଚ ପରମ୍ପରା, ମା' କାଳୀଙ୍କ ପ୍ରତି ଗଭୀର ଭକ୍ତି ଓ ଅଖଣ୍ଡ ବିଶ୍ୱାସକୁ ନେଇ 'କାଙ୍ଗୁଲା'ର କାହାଣୀ ଜୀବନ୍ତ ଓ ମାର୍ମିକ ହୋଇଛି । ଜଣେ ଦିଗହରା ଯୁବକର ଜୀବନରେ କିଭଳି ବିରାଟ ପରିବର୍ତ୍ତନ ଆସିଛି ତାହା ଏଥିରେ ପ୍ରଦର୍ଶିତ । ସବୁ କଥାକୁ ହାଲୁକା ଭାବେ ଗ୍ରହଣ କରୁଥିବା ରଞ୍ଜନ ନିଜ ପ୍ରିୟ ବନ୍ଧୁ କୁନା ହତ୍ୟାର ଶିକାର ହେବା ତା' ଜୀବନରେ ଆସିଛି ବିରାଟ ପରିବର୍ତ୍ତନ । ରଞ୍ଜନ ଉପବାସରେ ରହି ନିଷ୍ଠାର ସହିତ ପୂଜା କରିଛି । ଫଳରେ ମା' ତା' ଶରୀରରେ ଆବିର୍ଭୂତ ହୋଇଛନ୍ତି । ଆଉ ଶେଷରେ ତା' ସାଙ୍ଗର ହତ୍ୟାକାରୀ ତଥା ନିଜ ବଡ଼ ଭାଇକୁ ଦଣ୍ଡ ଦେଇଛି । ଦଣ୍ଡନାଚ ହେଉଛି ଓଡ଼ିଶାର ପ୍ରାଚୀନତମ ପାରମ୍ପରିକ ନାଚ । ଓଡ଼ିଶାର ଗଞ୍ଜାମ, ଅନୁଗୁଳ,ଢେଙ୍କାନାଳ ଆଦି ଜିଲ୍ଲାରେ ଦଣ୍ଡନାଚ ପରମ୍ପରା ଏବେ ମଧ୍ୟ ଦେଖିବାକୁ ମିଳେ । ଦଣ୍ଡନାଚ ଏକ ପ୍ରକାର ତପସ୍ୟା । ଏଥିରେ ସଂପୂର୍ଣ୍ଣ ଶରୀରକୁ ବିନିଯୋଗ କରାଯାଏ । ଏହା ମୁଖ୍ୟତଃ ଶାରୀରିକଧର୍ମୀ ନୃତ୍ୟ । ଏହି ନାଚରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନେ ଅତ୍ୟନ୍ତ ସଂଯମ ଓ ନିଷ୍ଠାପର ଭାବେ ଉପବାସ କରିଥାନ୍ତି । ଏହାକୁ ଆଧାର କରି 'କାଙ୍ଗୁଲା' ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି । ମାନବୀୟ ଭାବନା ଓ ଆଧ୍ୟାତ୍ମିକତାର ସୁନ୍ଦର ପ୍ରତିଫଳନ ହୋଇଛି ଏହି ଚଳଚ୍ଚିତ୍ରରେ । ଧୀରେ ଧୀରେ ଦଣ୍ଡନାଚ ପରମ୍ପରା ଲୋପ ପାଇବାକୁ ଯାଉଛି । ତେଣୁ ଗାଁର ଜଣେ ଝିଅ ପୂର୍ଣ୍ଣିମା ଦଣ୍ଡ ନାଚ ଉପରେ ଗବେଷଣା କରିବାକୁ ଇଚ୍ଛା ପ୍ରକାଶ କରିଛି । ଆଉ ଦଣ୍ଡନାଚ ସମୟରେ ଗାଁର ପୁରୁଣା ଲୋକ, ଦଣ୍ଡୁଆମାନଙ୍କ ସହିତ ସାକ୍ଷାତକାର ନେଇ ତଥ୍ୟ ସଂଗ୍ରହ କରି ପିଏଚ୍.ଡି. କରିଛି । ପାରମ୍ପରିକ ଦଣ୍ଡନାଚର ମାହାତ୍ମ୍ୟ ସଂପର୍କରେ ଅନେକ କଥା ଜାଣି ହୁଏ ଏହି ଚଳଚ୍ଚିତ୍ର ଦେଖିଲା ପରେ ।


# ଭକ୍ତି ଓ ଆସ୍ଥାର ପ୍ରତୀକ କାଙ୍ଗୁଲା

**ଧୀରେ ଧୀରେ ମୌଳିକ କାହାଣୀ ଉପରେ ଗୁରୁତ୍ୱ ଦେଉଛନ୍ତି ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକମାନେ । ଏହି କ୍ରମରେ ନିକଟରେ ରିଲିଜ ହୋଇଛି 'କାଙ୍ଗୁଲା : ମା' କାଳୀର ଦଣ୍ଡନାଚ' ସିନେମା । ଅନୁଗୁଳ ଜିଲ୍ଲାର କାଙ୍ଗୁଲା ଗାଁର ପାରମ୍ପରିକ ଦଣ୍ଡନାଚକୁ ଆଧାର କରି ଏହି ଚଳଚ୍ଚିତ୍ର ନିର୍ମିତ । ଭକ୍ତି, ଆସ୍ଥା, ପରମ୍ପରା ଓ ଦିବ୍ୟ ଶକ୍ତିର ଅଲୌକିକ ଘଟଣାକୁ ନେଇ ଏହାର କାହାଣୀ ଗତିଶୀଳ । ମୌଳିକ କାହାଣୀ, ଓଡ଼ିଆ ପରମ୍ପରା, ଭକ୍ତି ଭାବନା, ଦଣ୍ଡନାଚ ପ୍ରତି ଅନୁରକ୍ତି ଏଥିରେ ପ୍ରଦର୍ଶିତ ହୋଇଛି ।**



## କାଙ୍ଗୁଲା ଟିମ୍

ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'କାଙ୍ଗୁଲା'ରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ଦେଖିବାକୁ ମିଳେ । ଏହି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ସମ୍ବିତ ଆଚାର୍ଯ୍ୟ, ଅଭିଷେକ ଗିରି, ସୂର୍ଯ୍ୟମୟୀ ମହାପାତ୍ର, ଶ୍ରୀତମ ଦାସ, ସୁଶାନ୍ତ ଦାଶ ମହାପାତ୍ର ପ୍ରମୁଖଙ୍କ ଅଭିନୟ ଦମ୍‌ଦାର ହୋଇଛି । ପୂର୍ଣ୍ଣିମା ଚରିତ୍ରରେ ସୂର୍ଯ୍ୟମୟୀ, ରଞ୍ଜନ ଭୂମିକାରେ ସମ୍ବିତ ଓ କୁନା ଚରିତ୍ରରେ ଅଭିଷେକ ଗିରିଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ମନକୁ ଛୁଇଁ ପାରିଛି । ସେହିପରି ପୁପିନ୍ଦର, ପ୍ରଦ୍ୟୁମ୍ନ ଲେଙ୍କା, ନବପ୍ରୀତ ପ୍ରମୁଖଙ୍କ ଅଭିନୟ ମଧ୍ୟ ଜୀବନ୍ତ ହୋଇଛି । ସ୍କ୍ରିନ୍‌ପ୍ଲେ ଓ ସଂଳାପ ଲେଖିଛନ୍ତି ଅମିତ କୁମାର ଦାସ । ସତ୍ୟନାରାୟଣ ପ୍ରଡକ୍ସନ୍ ଏବଂ ସମ୍ବିତ ଆଚାର୍ଯ୍ୟ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ଦେଖିବାକୁ ସିନେ ଦର୍ଶକଙ୍କ ଭିତରେ ଉତ୍ସୁକତା ଲାଗି ରହିଛି ।





## "କାଙ୍ଗୁଲା ସିନେମାଟି ମନୋରଞ୍ଜନ ଧର୍ମୀ"

'କାଙ୍ଗୁଲା' ସିନେମାଟି ଦଣ୍ଡନାଚ ଉପରେ ପର୍ଯ୍ୟବସିତ । ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଏହି ସିନେମାଟି ତିଆରି ହୋଇଛି । ଏହା ସହିତ କମର୍ସିଆଲ୍ ଟଚ୍ ମଧ୍ୟ ରହିଛି । ସବୁଠୁ ବଡ଼ କଥା ହେଉଛି, ବର୍ତ୍ତମାନ କୌଣସି ସ୍ୱତନ୍ତ୍ର ପର୍ବପର୍ବାଣି ନ ଥାଇ ସମ୍ବିତଙ୍କୁ ନାୟକ ଭାବେ ନେଇ ସିନେମା ସଫଳ ବ୍ୟବସାୟ କରିବା ସୌଭାଗ୍ୟର ବିଷୟ । ଏହି ସିନେମାଟି ପ୍ରମାଣିତ କରିଛି ଯେ ବିନା ପର୍ବରେ ବି ଓଡ଼ିଆ ସିନେମା ଭଲ ବ୍ୟବସାୟ କରିପାରେ । ଗୋଟିଏ ସପ୍ତାହର ବ୍ୟବସାୟ ୬୩ ଲକ୍ଷ ୩୧ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟ କରିଛି । ବର୍ତ୍ତମାନ ୩୫ରୁ ୪୦ଟି ପ୍ରେକ୍ଷାଳୟରେ ୮୦ଟି ଶୋ' କାଙ୍ଗୁଲା ସିନେମାକୁ ଦିଆଯାଇଛି । ତନ୍ମଧ୍ୟରୁ ୨୫ରୁ ୩୦ ହଲ୍ ହାଉସ୍ ଫୁଲ ରହୁଛି । ଅଧିକାଂଶ ପିଲାମାନେ ଦଣ୍ଡ ନାଚ କ'ଣ ଜାଣି ନଥିଲେ ତେଣୁ ସେମାନେ ଏହି ସିନେମାରୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବୁଝୁଛନ୍ତି । ସିନେମାଟି ସମ୍ପୂର୍ଣ୍ଣ ମନୋରଞ୍ଜନ ଧର୍ମୀ । 'କାଙ୍ଗୁଲା'ର ୨୮ ରୁ ୨୯ ଦିନ ସୁଟିଂ ସିଡ୍ୟୁଲ୍ ଥିଲା । ଏଥିରେ ସମ୍ବିତ ଆଚାର୍ଯ୍ୟ, ସୂର୍ଯ୍ୟମୟୀ, ଅଭିଷେକ, ସୁଶାନ୍ତ ଦାଶ ମହାପାତ୍ର, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ସ୍ୱତନ୍ତ୍ର କଳାକାର ଭାବେ ନବପ୍ରୀତ ଅରୋରା ନଜର ଆସିଛନ୍ତି । ଏହି ସିନେମାରେ ଗୋଟିଏ ଆଇଟମ୍ ଗୀତ ରହିଛି, ଏହାକୁ କରିଛନ୍ତି ପାୟଲିଆ । ■

ଅଶ୍ୱିନୀ ତ୍ରିପାଠୀ,
ନିର୍ଦ୍ଦେଶକ 'କାଙ୍ଗୁଲା'

# ବଦଳୁଛି ସିନେମାର ରୂପରେଖ



ଓଡ଼ିଆ ଭାବନାକୁ ଆଧାର କରି ଗଢ଼ି ଉଠିଥିବା କାହାଣୀ ପୂର୍ବରୁ ହିଁ ଦର୍ଶକଙ୍କ ମନରେ ଉତ୍ସୁକତା ସୃଷ୍ଟି କରିଛି । ତେଣୁ ମୌଳିକ କାହାଣୀଧର୍ମୀ ସିନେମାକୁ ଏବେ ଓଡ଼ିଆ ଦର୍ଶକେ ଖୁବ୍ ପସନ୍ଦ କରୁଛନ୍ତି । ବର୍ତ୍ତମାନ କାହାଣୀରେ ଓଡ଼ିଆ ସଂସ୍କୃତି, ପରମ୍ପରା ସହିତ ସାମାଜିକ ବାସ୍ତବତାକୁ ସିନେ ନିର୍ମାତା ସାମ୍ନାକୁ ଆଣିବାକୁ ପ୍ରୟାସ କରୁଛନ୍ତି । ଏପରିକି ସିନେମାରେ ନାୟକ ତଥା ନାୟିକା ନ ଥିଲେ ବି ତାହାକୁ ଦର୍ଶକୀୟ ଆଦୃତି ମିଳିପାରୁଛି । ଏହା ହିଁ ବର୍ତ୍ତମାନ ଓଡ଼ିଆ ସିନେମାରେ ଏକପ୍ରକାର ନୂଆ ଧାରା ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ମୁକ୍ତିଲାଭ କରିଥିବା କିଛି ମୌଳିକ କାହାଣୀଧର୍ମୀ ସିନେମାକୁ ନେଇ ଏହି ବିଶେଷ ଉପସ୍ଥାପନା ।

## ରହସ୍ୟଭରା କାହାଣୀ 'ରକ୍ତ ଗୋଲାପ'




ଫେବୃଆରୀ ମାସରେ ମୁକ୍ତିଲାଭ କରିଥିଲା 'ରକ୍ତ ଗୋଲାପ' ସିନେମା । ସିନେମାର ମୁଖ୍ୟ ଚରିତ୍ରରେ ଏଲିନା ଅଭିନୟ କରିଥିଲେ । ଏହାର କାହାଣୀ ଓ ଗୀତକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଛନ୍ତି । ସସପେନ୍ସ ତଥା ଥ୍ରିଲରକୁ ନେଇ ଏହାର କାହାଣୀ ଗତିଶୀଳ ଥିଲା । 'ପିଏସ୍ ମୋସନ ପିକଚର୍ସ' ସହ ମିଳିତ ଭାବରେ 'ଆସ୍ତେଟିକ୍ ଫିଲ୍ମ' ବ୍ୟାନ୍ରରେ ଏହି ସିନେମାଟି ନିର୍ମିତ । ନିର୍ଦ୍ଦେଶକ ଶିଶିର ପିନାକୀଙ୍କ ସୁନ୍ଦର ନିର୍ଦ୍ଦେଶନା ସାଙ୍ଗକୁ ଅଶ୍ରୁଜିତ ମହାପାତ୍ର ଏବଂ ଶୋଭନ ଦାସ ଏହାର ପ୍ରଯୋଜନାରେ ଅଛନ୍ତି । ଏଲିନା ଏବଂ ଅଭିଷେକ ଗିରିଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ସିନେମାର ଚିତ୍ରନାଟ୍ୟ ଓ ସଂଳାପରେ ଅଛନ୍ତି ଅମିତ କୁମାର ଦାଶ ଓ ଅନିଲ ବାରିକ । ଏହାର ସଙ୍ଗୀତାକାର ହେଲେ ଆଶିଷ ପ୍ରଧାନ । ଏହା ଏକ ଭିନ୍ନଧରଣର ସିନେମା । ତା'ସହ ଏହାର କାହାଣୀ ମଧ୍ୟ ମୌଳିକ । ଏହି ସିନେମାରେ ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟର ସଂଘର୍ଷକୁ ଚମତ୍କାର ଭାବେ ରୂପାୟନ କରାଯାଇଛି । ଏହା ପ୍ରେମର ରକ୍ତ ରଞ୍ଜିତର ଏକ କରୁଣ କାହାଣୀ । ସିନେମାରେ ସମରେଶ ରାଉତରାୟ, ଚୌଧୁରୀ ଜୟ ପ୍ରକାଶ ଦାସ, ହର ରଥ, ଉଦିତ ଗୁରୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସିନେମାର ଆଇଟମ୍ ଗୀତରେ ସୂର୍ଯ୍ୟମୟୀ ଅଛନ୍ତି । 'ରକ୍ତ ଗୋଲାପ'କୁ ସିନେ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି ।

## ମାତୃଶକ୍ତିର ଗାଥା 'ପୂୟୋଦକମ୍'




ଚର୍ଚ୍ଚାରେ ରହିଛି ଓଡ଼ିଆ ସିନେମା 'ପୂୟୋଦକମ୍ ।' ସିନେମାର କାହାଣୀ ସହିତ ଗୁନ୍‌ଗୁନ୍‌ଙ୍କ ଅଭିନୟ ବି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହା ଏକ ନାରୀକୈନ୍ଦ୍ରିକ ସିନେମା । ଗରୁଡ଼ ପୁରାଣର ପାପ, ପ୍ରାୟଶ୍ଚିତ, ନ୍ୟାୟ ତଥା ଦଣ୍ଡର କାହାଣୀକୁ ନେଇ କାହାଣୀ ଗତିଶୀଳ । 'ପୂୟୋଦକମ୍'ର ଅର୍ଥ ହେଉଛି ଭୟଙ୍କର ଶାସ୍ତି ଅର୍ଥାତ୍ ପ୍ରତ୍ୟେକ ପାପର ନିଶ୍ଚିତ ଦଣ୍ଡ ଅଛି । ଏଥିରେ ମା' ଶାରଳାଙ୍କ ପାରମ୍ପରିକ ତଥା ପ୍ରସିଦ୍ଧ ଘାଟ ନୃତ୍ୟକୁ ସ୍ଥାନିତ କରାଯାଇଛି । ଗୁନ୍‌ଗୁନ୍ ଏଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ବେଳେ ପ୍ରଯୋଜନା ଭାର ବି ସମ୍ଭାଳିଛନ୍ତି । ଏଥିରେ ତାଙ୍କ ଅଭିନୟ ନାରୀ ସମ୍ମାନର ଏକ ସୁନ୍ଦର ତଥା ଅକୁହା ଚିତ୍ରକୁ ଦେଖାଇଛି । ସିନେମାରେ ଗାର୍ଗୀ ମହାନ୍ତି, ଶ୍ରୀତମ ଦାସ ପ୍ରମୁଖ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି । ସିନେମାର ନିର୍ଦ୍ଦେଶନାରେ ଶିବ ପ୍ରସାଦ ମହାନ୍ତି ଅଛନ୍ତି । ସଂଳାପ ରଚନା କରିଛନ୍ତି ତମାନ ଘୋଷ ଏବଂ ବିଶ୍ୱ ମିଶ୍ର । ସଂଗୀତରେ ଅଛନ୍ତି ପଞ୍ଚାନନ ନାୟକ ଏବଂ ନିର୍ମଳ ନାୟକ । 'ପୂୟୋଦକମ୍'ର ନିଆରା କାହାଣୀ ଦର୍ଶକଙ୍କୁ ଆକୃଷ୍ଟ କରିଛି ।

## ଭିନ୍ନ ସ୍ୱାଦର ପାରିବାରିକ ଚଳଚ୍ଚିତ୍ର 'ଆଫା'




ଏକ ସାଧାରଣ ପରିବାରର ଅସାଧାରଣ କାହାଣୀକୁ ଚିତ୍ରିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ଆଫା - ଲାଇଫ୍ ଆଫ୍ଟର୍ ଲାଇଫ୍'ରେ । ବାପା, ମା', ଜେଜେବାପା ଓ ଝିଅକୁ ନେଇ ଗଢ଼ା ଏହି ପରିବାରର କାହାଣୀକୁ ଦେଖିଲେ ପ୍ରତ୍ୟେକ ଦର୍ଶକଙ୍କୁ ଏହା ନିଜର କାହାଣୀ ବୋଲି ମନେ ହେବ । ଜୀବନର ଏକ ଅପ୍ରତ୍ୟାଶିତ ମୋଡ଼ ଏବଂ ସମୟର ଚକ୍ରାନ୍ତକୁ ଏଥିରେ ନିଖୁଣ ଭାବେ ଚିତ୍ରଣ କରାଯାଇଛି, ଯେଉଁଥିରେ ନିଆଯାଇଥିବା ଗୋଟିଏ ନିଷ୍ପତ୍ତି ଶେଷକୁ ମଧ୍ୟ ଏକ ନୂଆ ଆରମ୍ଭରେ ପରିଣତ କରିବାର କ୍ଷମତା ରଖେ । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ସୁକନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି । ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ୍ ସିଦ୍ଧାର୍ଥ ତିୱାରୀଙ୍କ ସମେତ ବହୁ ନାମୀ କଳାକାର ଅଭିନୟ କରିଛନ୍ତି । ପ୍ରୀତିରାଜ ଶତପାଥୀ ଓ ନୈନା ଦାଶ ତିୱାରୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ପ୍ରୀତିରାଜ ଶତପଥୀଙ୍କ ନିର୍ଦ୍ଦେଶନାରେ ସହ-ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା । ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଅଭିନେତା କୁନା ତ୍ରିପାଠୀ । ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ଗୀତିକାର ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ମିଳିତ ପ୍ରୟାସରେ ପ୍ରସ୍ତୁତ ଗୀତଗୁଡ଼ିକୁ ଦୀପ୍ତିରେଖା ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ଶଶାଙ୍କ ଶେଖର ପ୍ରମୁଖ କଣ୍ଠଦାନ କରିଛନ୍ତି । 'ଆଫା'ର ଗୀତ ମନଛୁଆଁ ହୋଇଛି । ଦର୍ଶକଙ୍କ ହୃଦୟ ଜିଣିଥିବା ଭିନ୍ନ ସ୍ୱାଦର ଓଡ଼ିଆ ପାରିବାରିକ ଚଳଚ୍ଚିତ୍ର 'ଆଫା' ତେଲୁଗୁ ଭାଷାରେ ରିମେକ୍ ହେବ । ଓଡ଼ିଆ ସିନେମା ଜଗତ ପାଇଁ ଏହା ଏକ ବିରାଟ ସଫଳତା ବୋଲି ସିନେ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି ।

## ବାର୍ଦ୍ଧକ୍ୟର ଏକଲାପଣର କଥା 'ଚାରିକାନ୍ଧ'




'ରିତୁପ୍ରିୟା ପ୍ରଡ଼କ୍ସନ' ବ୍ୟାନର୍‌ରେ ନିର୍ମିତ ଓଡ଼ିଆ ସିନେମା 'ଚାରିକାନ୍ଧ' ମଧ୍ୟ ଏକ ନିଛକ ଓଡ଼ିଆ ଘରର କାହାଣୀ । ୩୮ ମିନିଟ୍‌ର ଏହି ଫିଲ୍ମଟି ୪୬ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଫେଷ୍ଟିଭାଲ୍‌ରେ ଯୋଗ ଦେଇ ୨୨ରୁ ଅଧିକ ପୁରସ୍କାର ଲାଭ କରିଛି । ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ମଧ୍ୟମ ଅବଧି ସିନେମା ବିଭାଗରେ 'ଚାରିକାନ୍ଧ' ପ୍ରଦର୍ଶିତ ହୋଇଥିଲା । ସାମ୍ପ୍ରତିକ ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣର କଥାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଅତିଶ କୁମାର ରାଉତ ।

ବୁଢ଼ା ବାପାମାଆଙ୍କ ଅକୁହା କଥାର କାହାଣୀକୁ ନେଇ ଗତିଶୀଳ ହୋଇଛି ସିନେମା 'ଚାରିକାନ୍ଧ' । ଜୀବନର ସାୟାହ୍ନରେ ପହଞ୍ଚିଲା ପରେ ଯେତେବେଳେ ପଛକୁ ଚାହିଁଲେ ଦେଖାଯାଏ -ସ୍ତ୍ରୀ ଚାଲିଯାଇଛି, ପିଲାମାନେ ନିଜ ସଂସାର ନେଇ ସୁଦୂର ବିଦେଶରେ, ଆଉ ଘର କହିଲେ କେବଳ ଚାରିକାନ୍ଥର ଶୂନ୍ୟତା । ଗାଁର ସେଇ ବଡ଼ ପରିବାର ଆଜି ସହରୀ ସଭ୍ୟତାର ଚକାଚକ ମଧ୍ୟରେ ହଜି ଯାଇଛି । ମନରେ ଗୋଟିଏ ପ୍ରଶ୍ନ – 'ଯଦି ଆଜି ମୁଁ ମରିଯାଏ, ମୋ ଶବକୁ କାନ୍ଧ ଦେବ କିଏ?' ବାର୍ଦ୍ଧକ୍ୟ ଅବସ୍ଥାରେ ମନ ଖୋଜେ ଏକ ସାଥି, ନିଜର ଲୋକଙ୍କ ସାହାଯ୍ୟ ଆଉ ସହାୟତା । ଏହିପରି ଭାବେ ଏଥିରେ ମଣିଷ ଜୀବନର ଶେଷ ଯାତ୍ରାର କଥାକୁ ପ୍ରତିଫଳିତ କରାଯାଇଛି । ଚାରିକାନ୍ଧ ଦେଇ ମଶାଣି ଯିବା ପରମ୍ପରା ଏବଂ ଅସହାୟ ବାପାମାଆଙ୍କ କରୁଣ କାହାଣୀକୁ ନେଇ ଏହା ନିର୍ମିତ । ଏହି ସିନେମାଟି ସାମାଜିକ ପରମ୍ପରାର ଏକ ନିଛକ ଉଦାହରଣ କହିଲେ ଭୁଲ ହେବ ନାହିଁ । ସିନେମାଟି ଏକ ସାମାଜିକ ବାର୍ତ୍ତା ବି ପ୍ରଦାନ କରିଛି । ଏହା ଦର୍ଶକଙ୍କୁ ଭାବବିହ୍ୱଳ କରାଇବା ସହ ବାସ୍ତବ ଜୀବନର କାହାଣୀକୁ ଦେଖାଇଛି ।

'ଚାରିକାନ୍ଧ' ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ । ସହ ପ୍ରଯୋଜକ ହେଲେ ସୁପ୍ରିୟା ରାଉତ, ଅଖିଳ ରାଜୁରକର । ସିନେମାଟିରେ ଶକ୍ତି ବରାଳ, ଶତାବ୍ଦୀ ସୂର୍ଯ୍ୟସ୍ନାତା, ସୁଶୀଲ ମିଶ୍ର, ଗୌରବ ମହାନ୍ତି, ଶିବାନୀ ଖରା, ନମିତା ସାହୁ, ସୌମ୍ୟ ରଞ୍ଜନ ନାୟକ, ସଂସ୍କୃତି ସ୍ୱାଇଁ ପ୍ରମୁଖ ଅଭିନୟ କରିଛନ୍ତି । 'ଚାରିକନ୍ଧ' ବେଶ୍ ଦର୍ଶକୀୟ ପ୍ରଶଂସା ସାଉଁଟିଛି ।

## 'ଅପେକ୍ଷା'ରେ ସଙ୍ଗୀତର ଯାଦୁ



ଗ୍ରାମ୍ୟ ପୃଷ୍ଠଭୂମିରେ ଜଣେ ଯୁବକଙ୍କ ସିନେ ନାୟକ ହେବାର ସ୍ୱପ୍ନ ଓ ଏକ ଯୁବତୀଙ୍କ ତାରକା ହେବାର ଆକାଂକ୍ଷା-ଯେଉଁଥିରେ ଲୁଚିଥାଏ ଫିଲ୍ମ ଜଗତର ଅନ୍ଧାର ସତ୍ୟ । ବିଶ୍ୱାସଘାତ ଓ ଅନ୍ୟାୟର ଶିକାର ହୋଇ ଯୁବତୀର ଆତ୍ମା ନ୍ୟାୟ ପାଇଁ ଫେରି ଆସେ । ଏହି ରୋମାଞ୍ଚକର କାହାଣୀକୁ ନେଇ ନିର୍ମିତ ହୋଇଛି 'ଅପେକ୍ଷା' ଚଳଚ୍ଚିତ୍ର । ଗତ ଫେବୃଆରୀ ୬ରେ ରାଜ୍ୟର ବିଭିନ୍ନ ସିନେମା ହଲ୍‌ରେ ଏହି ଚଳଚ୍ଚିତ୍ର ମୁକ୍ତି ଲାଭ କରିଥିଲା ଆକାଂକ୍ଷା, ବିଶ୍ୱାସଘାତ ଓ ଅପୂରଣୀୟ ସ୍ୱପ୍ନର ଭାବଗଭୀର କାହାଣୀକୁ ନେଇ ଗଢ଼ା ଏହି ଫିଲ୍ମର ସଂଗୀତ ଦର୍ଶକଙ୍କ ମନକୁ ଛୁଇଁ ପାରିଛି । ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶଙ୍କ ସୁମଧୁର ସଂଗୀତରେ ହ୍ୟୁମାନ ସାଗରଙ୍କ କଣ୍ଠଦାନ ଦର୍ଶକଙ୍କୁ ଭାବନାର ସାଗରରେ ଭସାଇ ନେଉଛି । ଅସୀମା ପଣ୍ଡା, ଚିରାଗ, ଇପ୍ସିତା ସାହୁ ଓ ଉମାକାନ୍ତ ବାରିକଙ୍କ କଣ୍ଠ ସ୍ୱର ଫିଲ୍ମର ସଙ୍ଗୀତକୁ ଅଧିକ ହୃଦୟସ୍ପର୍ଶୀ କରିଛି । ଉମାକାନ୍ତ ବାରିକ ଓ ଇପ୍ସିତା ସାହୁଙ୍କ ଆଇଟମ୍ ସଂଗୀତ ଯୁବପିଢ଼ି ମଧ୍ୟରେ ବେଶ୍ ଲୋକପ୍ରିୟ ପାରିଛି । ସେହିପରି ଚିରାଗଙ୍କ କଣ୍ଠରେ ଶୀର୍ଷକ ସଂଗୀତ 'ଅପେକ୍ଷା' ମନଛୁଆଁ ହୋଇଛି । ଡ. କେ. ତମନ୍ନାଙ୍କ ପ୍ରଯୋଜନା ଓ ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସାର୍ଥକ, ଶୁଭାଙ୍ଗୀ, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଚୌଧୁରୀ ବିକାଶ ଦାସ, ସୌମ୍ୟ, ବନ୍ଦନା, ଅଲିଭା, ଐଶ୍ୱର୍ଯ୍ୟା, ଟୁନା ଟନ ଟନ, ପ୍ରଦୀପ ଦେବତା ଓ ଗୁଡୁ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । 'ଅପେକ୍ଷା' ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଛି ।

## ଓଡ଼ିଆ ପରମ୍ପରାର କାହାଣୀ

# ବରବଧୂ

ଫେବୃଆରୀ ୧୩ ତାରିଖରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ବରବଧୂ' । ସିନେମାଟିକୁ ଦର୍ଶକୀୟ ଆଦୃତି ମିଳିପାରିଛି । ବିଶେଷକରି ସିନେମାର କାହାଣୀ ଓ ଗୀତକୁ ଦର୍ଶକେ ପସନ୍ଦ କରିଛନ୍ତି । ସମ୍ପୂର୍ଣ୍ଣ ମୌଳିକ କାହାଣୀ ଉପରେ ଏହା ପର୍ଯ୍ୟବସିତ । ମୁଖ୍ୟତଃ ଏଥିରେ ଓଡ଼ିଆ ପରମ୍ପରା, ଭଲପାଇବା, ପାରିବାରିକ ଜୀବନର ମୂଲ୍ୟବୋଧ ତଥା ବେରୋଜଗାରିର ଏକ ସୁନ୍ଦର କାହାଣୀ ରହିଛି ।

### ତିନି ପିଢ଼ିର କାହାଣୀ

'ବରବଧୂ' ସିନେମାଟି ୩ ପିଢ଼ିର କାହାଣୀ ବଖାଣିଛି । ମଧ୍ୟବିତ୍ତ ପରିବାରରେ ସମ୍ପର୍କ କିଭଳି ପ୍ରତି ମୁହୂର୍ତ୍ତରେ ଏକ ନୂଆ ପ୍ରତିବନ୍ଧକକୁ ସାମ୍ନା କରେ । ତାହାର ପ୍ରକୃତ ନିଦର୍ଶନ ହେଉଛି 'ବରବଧୂ' । ନିଛକ ଓଡ଼ିଆ କାହାଣୀ ହୋଇଥିବା ବେଳେ ଏଥିରେ ଖୁଦୁରୁକୁଣୀ, ରଜ ଭଳି ଅନ୍ୟାନ୍ୟ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଦେଖିବାକୁ ମିଳିଛି । କହିବାକୁ ଗଲେ ସିନେମାଟି ଓଡ଼ିଆ ମାଟି,ପାଣି, ପବନର କଥା କହିଛି । ତା'ସହ ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛିକୁ ଅତି ସୁନ୍ଦର ଭାବେ ଏଥିରେ ଦୃଶ୍ୟାୟିତ କରାଯାଇଛି ।

### ଗୀତରେ କାହାଣୀର ଆବେଗ

ଏହାକୁ ଏକ ମ୍ୟୁଜିକାଲ ସିନେମା ବୋଲି କୁହାଯାଇଛି । ସେହିପରି ସିନେମାରେ ସମୁଦାୟ ୯ଟି ଗୀତ ଅଛି । ତା'ସହ କାହାଣୀର ପ୍ରତିଟି ଆବେଗକୁ ଗୀତ ମାଧ୍ୟମରେ ସୁନ୍ଦର ଭାବେ ପ୍ରତିଫଳିତ କରାଯାଇଛି । ଏହି ସିନେମାରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଏବଂ ଭାରତ ହିତାର୍ଥ । ଗୀତ ରଚନା କରିଛନ୍ତି ଜେ.ପି ୱାର୍ଡସ୍ମିଥ୍, ସ୍ମିତ ପଟ୍ଟନାୟକ, ସୁମିତ ପଣ୍ଡା, ଡି. ସୁପ୍ରଭା, ଫୋନିକ୍ସ ଓ ସୁନୀଲ ପରିଡ଼ା । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ପାପନ, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ଗୌରବ ଆନନ୍ଦ, ସୌରଭ ଭରଦ୍ୱାଜ, ଆଶିଷ ପ୍ରଧାନ, ଅନୁରାଗ ଦାଶ ଓ ଶୁଭଶ୍ରୀ ଜେନା । 'ବରବଧୂ'ର ଗୀତଗୁଡ଼ିକ ବେଶ୍ ମନଛୁଆଁ ହୋଇଛି ।

### ୨ କୋଟି ବଜେଟ୍ ଫିଲ୍ମ

ସିନେମାର ବଜେଟ୍ ୨ କୋଟିରୁ ଊର୍ଦ୍ଧ୍ୱ । ସେହିପରି ସିନେମାଟି ସମ୍ପୂର୍ଣ୍ଣ ଭାବେ ଓଡ଼ିଶାରେ ସୁଟିଂ କରାଯାଇଛି । ସିନେମାର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀଙ୍କୁ ଦେଖିବାକୁ ମିଳିଛି । ଶୈଳେନ୍ଦ୍ର ଏଥିରେ 'ବିକ୍କୁ' ଏବଂ ଶିବାନୀ 'ସୁମନ' ଚରିତ୍ରରେ ଅଭିନୟ କରିଛନ୍ତି । ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ଅଭିନୟ କରିଛନ୍ତି । ମୁଖ୍ୟତଃ ସୂର୍ଯ୍ୟମୟୀଙ୍କ ଅଭିନୟକୁ ଦର୍ଶକେ ବେଶି ପସନ୍ଦ କରିଛନ୍ତି । ସିନେମାର ନିର୍ଦ୍ଦେଶନାରେ ବିଶ୍ୱ ରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ରମଣି । ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ । 'ବରବଧୂ'ର କାହାଣୀ ଓ ଗୀତଗୁଡ଼ିକ ମନଛୁଆଁ ହୋଇଛି ।



## ମୁରବିପଣିଆର କାହାଣୀ

# ମୁରବି

ପଣା ସଂକ୍ରାନ୍ତି ଅବସରରେ ପ୍ରେକ୍ଷାଳୟକୁ ଆସିଥିଲା 'ମେଣ୍ଟିସ୍ ଫିଲ୍ମ' ବ୍ୟାନର୍‌ରେ ନିର୍ମିତ ଓଡ଼ିଆ ସିନେମା 'ମୁରବି' । ସିନେମାର କାହାଣୀ ଘରର ମୁରବିଙ୍କ ଉପରେ ଆଧାରିତ ଥିଲା । ମୁରବି ହେଉଛି ପ୍ରତ୍ୟେକ ପରିବାରର ମୁଖ୍ୟ । ସେହିପରି ଏହି ସିନେମାରେ ଦୁଇ ପରିବାର ମୁଖିଆଙ୍କ ବିପରୀତ ଚିନ୍ତାଧାରାକୁ ଦର୍ଶାଯାଇଛି ।

### ଦୁଇ ମୁରବିଙ୍କ ଭିନ୍ନ ଚିନ୍ତାଧାରା



ପରିବାରର ମୁରବି ହିଁ ଘର ସଦସ୍ୟଙ୍କୁ ଅନୁଶାସନରେ ରଖନ୍ତି । ଯାହାକି ଏହି ସିନେମାରେ ବି ଦେଖାଇବାକୁ ଚେଷ୍ଟା କରାଯାଇଛି । ଅବଶ୍ୟ ଏହି ଦୁଇ ମୁରବିଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ଭିନ୍ନ । ଜଣେ କଠୋର ଶାସନ ଓ ନିୟମରେ ବିଶ୍ୱାସ ରଖୁଥିବା ବେଳେ ଆଉ ଜଣେ ସ୍ନେହ, ମମତା ଏବଂ ସ୍ୱାଧୀନତାର ଶିକୁଳି ମାଧ୍ୟମରେ ପରିବାରକୁ ବାନ୍ଧି ରଖିଛନ୍ତି । ଯଦିଓ ଅନୁଶାସନ ଓ ସଂସ୍କାର ପରିବାର ପାଇଁ ଜରୁରି, ତଥାପି ଏସବୁ ଆବଶ୍ୟକତାଠୁ ଅଧିକ ହେଲେ ପରିବାର ମଧ୍ୟରେ ଶାନ୍ତି କି ଭଲପାଇବା ରହେ ନାହିଁ । ଏହା ହିଁ କାହାଣୀ ମାଧ୍ୟମରେ ଦେଖାଇବାକୁ ଚେଷ୍ଟା କରାଯାଇଛି । କହିବାକୁ ଗଲେ ସିନେମାଟି ସପରିବାର ସହିତ ବସି ଦେଖିଲା ଭଳି ଏକ ପାରିବାରିକ ସିନେମା । କେବଳ ସେତିକି ନୁହେଁ, ଏହା ଏମିତି ଏକ କାହାଣୀ, ଯାହାକି ସବୁ ବୟସର ଦର୍ଶକଙ୍କୁ ଭଲ ଲାଗିଛି ।

### ଅଭିନେତାଙ୍କ ନିଖୁଣ ଅଭିନୟ

ଦୁଇ ଜଣ ବର୍ଷୀୟାନ ଅଭିନେତା ହିଁ ମୁରବି ଭୂମିକାରେ ଚମତ୍କାର ଅଭିନୟ କରିଛନ୍ତି । କୁନା ତ୍ରିପାଠୀ ଏବଂ ଚୌଧୁରୀ ଜୟ ପ୍ରକାଶ ଦାସଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିପାରିଛି । ଅନ୍ୟାନ୍ୟ ଚରିତ୍ରରେ ବିଜୟିନୀ ମିଶ୍ର, ବିଏମ୍ ବୈଶାଳୀ, ଅଙ୍କିତା ମହାନ୍ତି, କଳ୍ପନା ରାଉତ, ଉଦିତ ଗୁରୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଓ ସମସ୍ତ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ହୃଦୟକୁ ଛୁଇଁବା ସହ ଭାବପ୍ରବଣ ବି ହୋଇଛନ୍ତି । ସିନେମାର ନିର୍ଦ୍ଦେଶନାରେ ଶିଶିର କୁମାର ସାହୁ ଏବଂ ପିନାକୀ ସିଂହ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ବିଶାଳ ମୌର୍ଯ୍ୟ ଏବଂ ଦେବୀ ପ୍ରସାଦ ଲେଙ୍କା । ଗୀତ, ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ପି.ସନ୍ତୋଷ । ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଗ୍ନିମିତ୍ର ବେହେରା । 'ମୁରବି'କୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି ।

## ନୀତି ଅନୀତି ରାଜନୀତି

ଶ୍ରୀବିଦୂର

### ଚାଷବାସ ବିଭାଗରେ ବିଷଖିଆ



ବିଟପୀ ନାରୀକୁ ଚାନ୍ଦିନୀ ରାତି , ଚୋରକୁ କାଶ-ଛିଙ୍କ ଓ ରାଜାଙ୍କୁ ଚାଷବାସ ଅଡୁଆ ବୋଲି ଅନେକ ପୁରୁଖା ଲୋକମାନେ କଥା ନହସରେ କହୁଥିବା ଆମେ ପିଲାଦିନେ ଶୁଣିଥିଲୁ । ମାତ୍ର ଏବେ ପାଟଣାଗଡ଼ ରାଜା ଓରଫ୍ ଆମ ରାଜ୍ୟର ଚାଷବାସ ମନ୍ତ୍ରୀ ବାବୁ କନକବର୍ଦ୍ଧନଙ୍କ ସହ ଏହି ପୁରୁଣା କଥାକୁ ଲୋକସେବା ଭବନରେ ଅନେକ ଯୋଡୁଥିବା ଆମ କାନରେ ବାଜିଛି । ବାବୁ କନକବର୍ଦ୍ଧନ ରାଜ୍ୟର ଉପମୁଖ୍ୟମନ୍ତ୍ରୀ, ତାଙ୍କ ମୁଣ୍ଡରେ ଦି' ଦି'ଟା ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ । ଗୋଟେ ହେଲା ଶକ୍ତି ଓ ଅନ୍ୟଟି ହେଲା କୃଷି; ମାତ୍ର ଦିଟା ଯାକ ବିଭାଗର କାର୍ଯ୍ୟକୁ ନେଇ ମନ୍ତ୍ରୀ ବଦନାମ । ରାଜ୍ୟରେ ଅଘୋଷିତ ବିଜୁଳିକାଟ ହେବ ନାହିଁ ବୋଲି ମନ୍ତ୍ରୀ ଘୋଷଣା କଲେ, ମାତ୍ର ଗାଁ ତ ଦୂରର କଥା; ଦ୍ୱୈତନଗରୀରେ ବିଜୁଳି ଯେପରି ଲୁଚକାଳି ଖେଳଖେଳୁଛି, ସେଥିରୁ ମନ୍ତ୍ରୀଙ୍କ କଥାର ଓଜନ ନାହିଁ ବୋଲି ଲୋକମାନେ ମନେ କରୁଛନ୍ତି । ଏହି ସମୟରେ ସିଆର୍ଏଫ୍ଏମ୍ ଯୋଜନାରେ ଚାଷବାସ ବିଭାଗର ବାବୁମାନେ ଔଷଧ ବୋଲା ବିରି, ମୁଗ, ବୁଟ ଠାରୁ ଆରମ୍ଭ କରି ସାର ଓ ଔଷଧ ଗିଳିଦେବା ଘଟଣା କନକବର୍ଦ୍ଧନଙ୍କୁ ବ୍ୟତିବ୍ୟସ୍ତ କରି ଦେଇଛି । ଘଟଣାର ତଦନ୍ତ ପରେ ଯେଉଁ ତଥ୍ୟ ମିଳିଛି, ତାହା ଆହୁରି ସାଂଘାତିକ । ଖାଲି ବିରି, ମୁଗ ଖାଇଥିଲେ ତ ଚଳି ଥାଆନ୍ତା; ଚାଷବାସ ବାବୁମାନେ ବୋରାକ୍ସ, ଟ୍ରାଇକୋଡରମା ଭିରିଡ଼ି, ପେଣ୍ଡି ମିଥାଲିନ୍, ଜିଙ୍କ୍ ସଲଫେଟ୍, କାରବେନଡାଜିମ୍ ପରି ସାର ଓ ଓøଷଧକୁ ବି ଗିଳି ଦେଇଥିବା ଶୁଣି ମନ୍ତ୍ରୀ ପୁରା ତାଟକା । ଏତେ ବିଷ ଔଷଧ, ବିଷ ବୋଲା ବିହନ ଓ ସାର ଖାଇ ଏ ବାବୁମାନେ ବଞ୍ଚିଲେ କେମିତି ? ■

### ମେଟ୍ରୋ ଅର୍ଗଳିରେ ମହାପାତ୍ରେ



ସହରୀ ବାବୁ କୃଷ୍ଣଚନ୍ଦ୍ର ଜଣେ ସଫାସୁତୁରା ଲୋକ; ତାଙ୍କ ହସହସ ମୁହଁ ଆଉ ଭିଜାଭିଜା କଥା ଶୁଣିଲେ ଯେ କେହି ବି ସହଜରେ ଭଲିଯିବ । ମାତ୍ର କଳା ମେଘ ଉହାଡ଼ରେ ଜହ୍ନ ହଜିଯିବା ପରି ମେଟ୍ରୋ ଅର୍ଗଳିରେ ପଡ଼ିବା ପରଠାରୁ ବାବୁଙ୍କ ମୁହଁରୁ କୁଆଡ଼େ ହସ ଟିକକ ହଜି ଯାଇଛି । କେଇ ସପ୍ତାହ ତଳେ ସହରୀ ଜମି ପ୍ରସଙ୍ଗକୁ ନେଇ ତାଙ୍କ ବିଭାଗ ଅକଳରେ ପଡ଼ିଥିଲା । ବିଭାଗରେ ତୁମ୍ବୀ ତୋଫାନ ହୋଇ କଥା ତୃତୀୟ ମହଲା ଯାଏ ଗଲା । ସେହି ଘଟଣାର ସମାଧାନ ନ ହେଉଣୁ ଏବେ ପୁଣି ମେଟ୍ରୋ ପ୍ରସଙ୍ଗ କୃଷ୍ଣଚନ୍ଦ୍ରଙ୍କ ପାଇ ଅଡୁଆ ହୋଇଛି । ସରକାରରେ ଥିବାବେଳେ ଶଙ୍ଖପତି ଦ୍ୱୈତ ନଗରୀରେ ମେଟ୍ରୋ ଚଳାଚଳ ପାଇଁ ବଜେଟରେ ଅର୍ଥ ବରାଦ କରିଥିଲେ । ସାରା ଦେଶରେ ମେଟ୍ରୋ ଯୋଜନାଗୁଡ଼ିକର ମୁଖ୍ୟ ପରାମର୍ଶଦାତା ଦିଲ୍ଲୀ ମେଟ୍ରୋ ଏଥିପାଇଁ ଡ଼ିପିଆର ପ୍ରସ୍ତୁତ କରିଥିଲା । କାମ ଆରମ୍ଭ ବି ହୋଇଥିଲା, ମାତ୍ର କୃଷ୍ଣବାବୁଙ୍କ ସରକାର ଆସୁଆସୁ ମେଟ୍ରୋର ତଣ୍ଟି ମୋଡ଼ିଦେଲେ । ମେଟ୍ରୋ ନ କରିବା ପାଇଁ ଯେତେ ସବୁ ବାହାନା କରାଯିବା କଥା, ଜଣକ ପରେ ଜଣେ ମନ୍ତ୍ରୀ ତାହାକୁ ବଖାଣିଲେ । କୃଷ୍ଣବାବୁ ଟିକିଏ ନରମା ଲୋକ, ସେ ରହିଥୋଇ ଯେଉଁ କଥାଟି କହିଥିଲେ, ଏବେ ବୁଲିବାଲି ତାହା ତାଙ୍କ ଉପରେ ଖଣ୍ଡା ହୋଇ ଝୁଲୁଛି । କେନ୍ଦ୍ର ସହଭାଗିତାରେ ଓଡ଼ିଶାରେ ମେଟ୍ରୋ ହେବ ବୋଲି ସେ ଯେଉଁ କଥାଟି କହିଥିଲେ, ତାହା ଡ଼ାହା ମିଛ ବୋଲି ଏବେ ପ୍ରମାଣିତ ହୋଇଛି । କଟକୀ ଋଷି ଏ ସଂକ୍ରାନ୍ତରେ ପଚାରିଥିବା ପ୍ରଶ୍ନରେ କେନ୍ଦ୍ର ସରକାର ଓଡ଼ିଶାରୁ କୌଣସି ମେଟ୍ରୋ ପ୍ରସ୍ତାବ ଆସିନାହିଁ ବୋଲି ସିଧାସିଧା ମନା କରି ଦେଇଛନ୍ତି । ଯା ପରେ ବାବୁଙ୍କ ତୁଣ୍ଡରେ ପୁରା ଠିପି । ■

### ହାତ ମହନ୍ତଙ୍କୁ ମୋକିମ୍ ଟେନ୍ସନ



ଗାଲା କେଇମାସ ହେଲା କଟକୀ ମୋକିମ୍ ଯେପରି ହାଇସ୍ପିଡ୍ ଟ୍ରେନ୍ ଗତିରେ ମାଡ଼ି ଚାଲିଛନ୍ତି, ତାହା କୁଆଡ଼େ ଭକ୍ତବାବୁ ହଜମ କରିପାରୁ ନାହାନ୍ତି । ମହନ୍ତ ପଗଡ଼ି ଭିଡ଼ିବା ପରେ ଭକ୍ତବାବୁ ସିଧା ଯାଇ ମୋକିମ୍ଙ୍କ କଟକ ମଠରେ ଆତିଥ୍ୟ ନେଇଥିଲେ । ହାତ ଦଳିଆ ଭାବିଲେ ଦିହେଁ ମିଶି ମଠରେ ହାଲୋଜେନ୍ ଆଲୁଅ ଜାଳିବେ । ମାତ୍ର ପରେ କ'ଣ ହେଲା କେଜାଣି, ଯାଙ୍କ ମୁହଁ ଇଆଡ଼େ ଆଉ ତାଙ୍କ ମୁହଁ ସିଆଡ଼େ । ଚିଠି ଲେଖି ଭକ୍ତଙ୍କ ବିରୋଧରେ ଜହର ଓଗାଳିବା କାରଣରୁ ମୋକିମ୍ଙ୍କୁ ଦଳରୁ ବିଦା କରାଗଲା । ମୋକିମ୍ ନନ୍ଦିନୀ ସୋଫିଆ ହାତ ହୁଇପ୍ ଭାଙ୍ଗି ଦିଲ୍ଲୀପଙ୍କୁ ଭୋଟ ଦେବା ପରେ କୁଟା ଖିଅ ପରି ଯେଉଁ ଟିକକ ସମ୍ପର୍କ ଥିଲା; ତାହା ବି ଛିଡ଼ିଗଲା । ଏବେ ଓଡ଼ିଶାରେ ହାତ ପାର୍ଟିକୁ ଛିନ୍ନମୂଳ କରିବା ପାଇଁ ମୋକିମ୍ ଶପଥ ନେଇଛନ୍ତି ଓ ଜଣକ ପରେ ଜଣେ ଭକ୍ତ ଅନୁଗତଙ୍କୁ ନିଜ ଆଡ଼କୁ ଟାଣୁଥିବା ଦେଖାଯାଉଛି । କେଇଦିନ ମଧ୍ୟରେ ହାତ ମଠର ଦୁଇ ଟାଣୁଆ ମୁଖପାତ୍ର ଦଳ ଛାଡ଼ିଛନ୍ତି । ଏପଟେ ଭକ୍ତ ଢ଼ିଙ୍କିଆରୁ ରାଜଧାନୀ ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରିଥିବା ବେଳେ ଜଣେ ଯାଇ ମୋକିମ୍ଙ୍କ ଶିବିରରେ ପହଞ୍ଚି ତାଙ୍କ ଜୟଗାନ କଲେଣି । ଯେଉଁ ପ୍ରସଙ୍ଗକୁ ନେଇ ହାତ ପାର୍ଟି ସରକାରକୁ ଘେରିବା କଥା, ସେହି ପ୍ରସଙ୍ଗଗୁଡ଼ିକୁ ମୋକିମ୍ ଓ ତାଙ୍କ ଜନତା କଂଗ୍ରେସ ହାଇଜାକ କରି ନେଇଥିବା ଦେଖାଯାଉଛି । ସେଥିପାଇଁ କୁଆଡ଼େ ମାଷ୍ଟରକ୍ୟାଣ୍ଟିନ ହାତ ମଠ ମହନ୍ତ ବାବୁ ଭକ୍ତଚରଣ ଏବେ କୁଆଡ଼େ ଭାରି ଟେନ୍ସନ ଭିତରେ ଗତି କରୁଛନ୍ତି । ■


### ନିୟନ୍ତ୍ରଣ ହରାଉଛନ୍ତି ସୂର୍ଯ୍ୟବଂଶୀ



ସରକାର ଆସିବାର ଦୁଇ ବର୍ଷ ବିତିବା ପରେ ବି ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ ହୋଇ ପାରିଲା ନାହିଁ । ଦାୟିତ୍ୱ ନେବା ପରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାରେ ବିଫଳତା ବାବୁ ସୂର୍ଯ୍ୟବଂଶୀଙ୍କୁ ସବୁ ମହଲରେ ନିନ୍ଦିତ କରିଛି । ଠିକ୍ ଏହି ସମୟରେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଆନ୍ଦୋଳନ ଉପରେ ନିଷେଧାଦେଶ ଛାତ୍ରମାନଙ୍କ ମଧ୍ୟରେ ସୃଷ୍ଟି କରିଛି ଭୟଙ୍କର ପ୍ରତିକ୍ରିୟା । ଯୁବ-ଛାତ୍ର ଆନ୍ଦୋଳନରୁ ନେତା ପାଲଟିଥିବା ବଲେନ୍ ଶାହା କ୍ଷମତାକୁ ଆସୁଆସୁ ପ୍ରଥମେ ନେପାଳରେ ଛାତ୍ର ଆନ୍ଦୋଳନ ଉପରେ ଅଙ୍କୁଶ ଲଗାଇ ଦେବା ପରି ପଦ୍ମ ଦଳର ଯୁବ ଆଇକନ୍ ବାବୁ ସୂର୍ଯ୍ୟବଂଶୀ କୁଆଡ଼େ ଛାତ୍ର ରାଜନୀତିକୁ ଶେଷ କରିବାକୁ ଯୋଜନା କରିଛନ୍ତି ବୋଲି ଖୋଦ୍ ପଦ୍ମ ଦଳର ଛାତ୍ର ସଙ୍ଗଠନ ଅଭିଯୋଗ କଲେଣି । ଏହା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିପୀଡ଼ନର ନାୟକମାନଙ୍କୁ ତାଙ୍କ ବିଭାଗ ସୁରକ୍ଷା ଦେଉଥିବା ସଂକ୍ରାନ୍ତ ମାଳମାଳ ଅଭିଯୋଗ ପରେ ସୂର୍ଯ୍ୟବଂଶୀଙ୍କ ଅବସ୍ଥା ଘାଇଲା । ପୀଡ଼ିତାମାନଙ୍କ ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତ ଅଧ୍ୟାପକ, ପ୍ରାଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଅକ୍ଷମତା ବିଭାଗର ଛବିକୁ ମଳିନ କରି ଦେଇଛି । ହାତ ପାର୍ଟି ଯୁବଛାତ୍ର ନେତାମାନେ ଯାକୁ ନେଇ ସୂର୍ଯ୍ୟବଂଶୀବାବୁଙ୍କ ବିଭାଗକୁ କାଠଗଡ଼ାକୁ ଟାଣିବାକୁ ବସିଛନ୍ତି । ମାତ୍ର କେଉଁ ଅଦୃଶ୍ୟ କାରଣ ପାଇଁ ନିନ୍ଦିତ ଅଧ୍ୟାପକମାନଙ୍କୁ ବିଭାଗ ସୁରକ୍ଷା ଦେଉଛି ତାହା କେହି ବୁଝି ପାରୁନାହାନ୍ତି ଓ ନିଜ ବିଭାଗ ଉପରେ ସୂର୍ଯ୍ୟବଂଶୀଙ୍କ ନିୟନ୍ତ୍ରଣ ନାହିଁ ବୋଲି ଅନେକ କହୁଛନ୍ତି । ଏ କଥା ସତ କି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# ଓଡ଼ିଆ ସିନେମାର ନୂଆ ସୂର୍ଯ୍ୟୋଦୟ




ଶ୍ୟାମା ପ୍ରସାଦ ମିଶ୍ର

**୨୦୨୬ ମସିହା ଓଡ଼ିଆ ସିନେମା ପାଇଁ ଅନେକ ସମ୍ଭାବନା ନେଇ ଆସିଛି । ବଦଳୁଛି ସିନେମାର ରୂପରେଖ । ପୁଣି ଥରେ ଓଡ଼ିଆ ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ନେଇ ସମୃଦ୍ଧ ହେଉଛି ଓଡ଼ିଆ ସିନେମା । ୨୦୨୬ ମସିହାରେ 'ମିଡ୍ ନାଇଟ୍', 'ଜୀବନ ଦାନ', 'ଚାରିକାନ୍ଧ', 'ରକ୍ତ ଗୋଲାପ', 'ଅପେକ୍ଷା', 'ପୂୟୋଦକମ୍', 'ମୁରବି', 'ଆଫା', 'କାନ୍ଦ ମାଷ୍ଟ୍ରେ', 'ବିନ୍ଦୁ ସାଗର', 'କାଙ୍ଗୁଲା: ମା' କାଳୀର ଦଣ୍ଡନାଟ', 'ମନ୍ତ୍ରମୁଗ୍ଧ' ଆଦି ସିନେମା ରିଲିଜ୍ ହୋଇଛି । ବିଶେଷ କଥା ହେଲା ୨୦୨୬ରେ ରିଲିଜ୍ ହୋଇଥିବା ଅଧିକାଂଶ ସିନେମା କିଛି ନା କିଛି ସ୍ୱତନ୍ତ୍ରତା ବହନ କରେ ।**










### ପୌରାଣିକ ଓ ରହସ୍ୟମୟ କାହାଣୀ

ଗୁନଗୁନ୍ ନିର୍ଲିପ୍ତାଙ୍କ ଦ୍ୱାରା ନିର୍ମିତ ଓଡ଼ିଆ ସିନେମା 'ପୂୟୋଦକମ୍' ଏକ ପୌରାଣିକ ଓ ରହସ୍ୟମୟ କାହାଣୀ ଉପରେ ଆଧାରିତ ସାମାଜିକ ଚଳଚ୍ଚିତ୍ର । ଗ୍ରାମୀଣ ଓଡ଼ିଶାର ପୃଷ୍ଠଭୂମିରେ ନିର୍ମିତ ଏହି ସିନେମା । ଜଣେ ନୃତ୍ୟଶିଳ୍ପୀଙ୍କ ସଂଘର୍ଷ ଏବଂ ଦୈବୀ ଶକ୍ତିର ଜାଗରଣ ବିଷୟରେ ଏହି ଚଳଚ୍ଚିତ୍ରରେ ବର୍ଣ୍ଣନା କରାଯାଇଛି । ସେହିପରି 'କାଙ୍ଗୁଲା: ମା' କାଳୀର ଦଣ୍ଡନାଟ' ହେଉଛି ଭକ୍ତି ଏବଂ ସାମାଜିକ ସଂଘର୍ଷର ଏକ ନିଆରା ସମନ୍ୱୟ । ଏହି ଚଳଚ୍ଚିତ୍ରଟି ମୁଖ୍ୟତଃ ଦୈବୀ ଶକ୍ତି ଏବଂ ଜଣେ ସାଧାରଣ ମଣିଷର ଅସାଧାରଣ ଜୀବନ କାହାଣୀ ଉପରେ ଆଧାରିତ । କେବଳ ପୂଜାପାଠ ନୁହେଁ, ବରଂ ସମାଜରେ ଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ହେଉଛି ଏହି ସିନେମାର ମୂଳ ଉଦ୍ଦେଶ୍ୟ । ତେବେ ଓଡ଼ିଶାର ପାରମ୍ପରିକ ଦଣ୍ଡ ନାଚ ଉପରେ ଏହି ସିନେମା ପର୍ଯ୍ୟବସିତ ହୋଇଛି ।

ଚଳଚ୍ଚିତ୍ର 'ଆଫା' ଏକ ମର୍ମସ୍ପର୍ଶୀ କାହାଣୀ, ଯାହା ବାପା, ମାଆ ଏବଂ ଝିଅଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଅତି ସୁନ୍ଦର ଭାବେ ଚିତ୍ରଣ କରିଛି । ଏହି ସିନେମାଟି ମୁଖ୍ୟତଃ ବାପାମା'ଙ୍କ ଝିଅ ପ୍ରତି ନିଃସ୍ୱାର୍ଥପର ଭଲପାଇବା ଏବଂ ସନ୍ତାନର ଭବିଷ୍ୟତ ପାଇଁ ତାଙ୍କର ଜୀବନର ସଂଘର୍ଷକୁ ଦେଖାଇଛି । ଗରୁଡ଼ ପୁରାଣରେ 'ଦାନ'ର ମହତ୍ୱ କିପରି, ହିନ୍ଦୁ ଧର୍ମ ଏବଂ ପୁରାଣରେ ଦାନର ସ୍ଥାନକୁ ନେଇ ଏହି ସିନେମାର କାହାଣୀ ଗତିଶୀଳ ହୋଇଛି ।











### ପାରମ୍ପରିକଠାରୁ ଭିନ୍ନ ଚଳଚ୍ଚିତ୍ର


ଓଡ଼ିଆ ସିନେମା 'ବିନ୍ଦୁ ସାଗର'ର କାହାଣୀ ଅନ୍ୟାନ୍ୟ ପାରମ୍ପରିକ ଓଡ଼ିଆ ଚଳଚ୍ଚିତ୍ରଠାରୁ ଅନେକ ଦୃଷ୍ଟିରୁ ଭିନ୍ନ ଓ ନିଆରା । ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି କେବଳ ଏକ ମନୋରଞ୍ଜନଧର୍ମୀ ସିନେମା ନୁହେଁ, ବରଂ ଏହା ଏକ ଭାବପୂର୍ଣ୍ଣ ଅନୁଭୂତି । ଯାହା ଓଡ଼ିଶାର ସଂସ୍କୃତି ଓ ମାନବିକ ଭାବନାକୁ ଗଭୀର ଭାବେ ଚିତ୍ରଣ କରିଛି । ସେହିପରି ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟଙ୍କ ପ୍ରଯୋଜିତ ଓ ଶିଶିର - ପିନାକୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମୁରବି' ଦର୍ଶକମାନଙ୍କ ମନରେ ଗଭୀର ରେଖାପାତ କରିପାରିଛି । 'ମୁରବି' ଶବ୍ଦର ଅର୍ଥ ହେଉଛି ପରିବାରର ମୁଖ୍ୟ, ଅଭିଭାବକ କିମ୍ବା ମାର୍ଗଦର୍ଶକ । ଦୁଇଟି ଭିନ୍ନ ଚିନ୍ତାଧାରାର ମିଶ୍ରଣରେ ପରିବାରର ମୁରବିର ସଂଜ୍ଞା କିପରି ବଦଳୁଛି, ତାହା ଏହି ସିନେମାରେ ସୁନ୍ଦର ଭାବେ ପ୍ରଦର୍ଶିତ ହୋଇଛି । 'ମୁରବି' ସିନେମା ମୌଳିକ ଏବଂ ସାମାଜିକ ଚିନ୍ତାଧାରା ଉପରେ ଆଧାରିତ । ଏହା ଆମ ଓଡ଼ିଆ ସମାଜ ଓ ପରିବାରର ଏକ ବାସ୍ତବ ପ୍ରତିଫଳନ ।

ବିଶିଷ୍ଟ ପ୍ରଯୋଜକ ଅମୀୟ ପଟ୍ଟନାୟକଙ୍କ ସୁପୁତ୍ର ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ସିନେମା 'ମନ୍ତ୍ର ମୁଗ୍ଧ' ଏକ ନିଆରା କାହାଣୀ ଓ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ଭାବେ ନିଜକୁ ପ୍ରତିପାଦିତ କରିପାରିଛି । ଅନ୍ୟାନ୍ୟ ପାରମ୍ପରିକ ଓଡ଼ିଆ ସିନେମାଠାରୁ ଦୂରେଇ ଯାଇ ହରର-କମେଡ଼ି ଶୈଳୀକୁ ଆପଣେଇଛି । ଏହାର କାହାଣୀରେ ରହସ୍ୟ, ରୋମାଞ୍ଚ ଏବଂ ହାସ୍ୟରସର ଏକ ସଠିକ୍ ମିଶ୍ରଣ ଥିବାରୁ ଯୁବପିଢ଼ିର ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠାର ସହ ବସାଇ ରଖିପାରିଛି । ଫିଲ୍ମର କାହାଣୀ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଏବଂ ଭିଜୁଆଲ୍ ଇଫେକ୍ଟସ ପୂର୍ବ ଅପେକ୍ଷା ଅଧିକ ଉନ୍ନତ ।

ଅତୀଶ କୁମାର ରାଉତ ପ୍ରଯୋଜିତ, ବିଶ୍ୱନାଥ ରଥ ନିର୍ଦ୍ଦେଶିତ ମଧ୍ୟମ ବର୍ଗର ସିନେମା 'ଚାରିକାନ୍ଧ' ଚଳିତ ବର୍ଷ ଅନେକ କିଛି ରେକର୍ଡକୁ ଭାଙ୍ଗିଥିଲା । ୩୮ ମିନିଟର ଏହି ଚଳଚ୍ଚିତ୍ରଟି ଭାରତବର୍ଷରେ କୌଣସି ବ୍ୟବସାୟିକ ଚଳଚ୍ଚିତ୍ର ହଲରେ ପ୍ରଦର୍ଶିତ ହୋଇ ତିନି ସପ୍ତାହରୁ ଅଧିକ ଚାଲିବା ମଧ୍ୟ ଏକ ରେକର୍ଡ ।









### କଥା କହୁଛି କାହାଣୀ

୨୦୨୬ ମସିହାରେ ରିଲିଜ୍ ହୋଇଥିବା ଅନେକ ଚଳଚ୍ଚିତ୍ରର କାହାଣୀ ବେଶ୍ ହୃଦୟସ୍ପର୍ଶୀ ହୋଇଛି । ମୌଳିକ କାହାଣୀ, ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଛଟା ଚଳଚ୍ଚିତ୍ରଗୁଡ଼ିକକୁ ଅଧିକ ଆକର୍ଷଣୀୟ କରୁଛି । ଚଳଚ୍ଚିତ୍ରର ରୂପ ନେବା ପୂର୍ବରୁ 'କାନ୍ଦ ମାଷ୍ଟ୍ରେ' ଏକ ନାଟକ ଭାବରେ ପ୍ରକାଶିତ ହୋଇଥିଲା ୨୦୧୬ ମସିହାରେ । ଏହି ଉଭୟ ନାଟକ ଓ ଚଳଚ୍ଚିତ୍ରର ଭାବବସ୍ତୁ, କଥାବସ୍ତୁ ଓ ସଂଳାପ ଆଦି ମଧ୍ୟରେ ସାମଞ୍ଜସ୍ୟ ରହିଛି ବହୁ ଭାବରେ । 'କାନ୍ଦ ମାଷ୍ଟ୍ରେ'ର କାହାଣୀର ପରିସର ଖୁବ୍ ସୀମିତ ଥିଲେ ମଧ ହଜି ଯାଉଥିବା ଗ୍ରାମ୍ୟ ପରମ୍ପରାର ସାମାଜିକ ପ୍ରଥା ଉପରେ ଏ ଚଳଚ୍ଚିତ୍ରଟି ପର୍ଯ୍ୟବସିତ । ବିବାହ କରି ବରଘରକୁ ଯାଉଥିବା ଝିଅମାନଙ୍କୁ କାନ୍ଦଣା ଗୀତି ଶିଖାଇବାର ପ୍ରଥା, ଷାଠିଏ ବର୍ଷ ତଳେ ପ୍ରଚଳିତ ଥିଲା ଓଡ଼ିଶାର ପୁରପଲ୍ଲୀରେ । ଆଧୁନିକ ସମୟରେ ଏହା ହଜି ଯାଇଥିଲେ ମଧ ଲେଖକ ଜାକିର୍ ଖାନ୍ ସେହି ପୁରାତନ ଗୀତଗୁଡ଼ିକକୁ ସିନେମା କାହାଣୀ ମାଧ୍ୟମରେ ଖୁବ୍ ସୁନ୍ଦର ଭାବେ ସଜାଇ ପାରିଛନ୍ତି । 'କାନ୍ଦ ମାଷ୍ଟ୍ରେ'ର ମୁଖ୍ୟ ଚରିତ୍ର ଗାଁକୁ ଗାଁ ଖଣ୍ଡିଏ ସାଇକେଲରେ ବୁଲି ବୁଲି ଝିଅମାନଙ୍କୁ କାନ୍ଦଣା ଗୀତ ଶିଖାଇ ଚାଲିଛନ୍ତି । ମାଷ୍ଟ୍ରେଙ୍କ ଚାଲିଚଳନ, କଥା କହିବାର ଭଙ୍ଗୀ, ଲଜ୍ଜାଶୀଳ ଭାବ ସ୍ୱତନ୍ତ୍ର ।

ଚନ୍ଦ୍ରମଣିଙ୍କ ପ୍ରଯୋଜିତ ବିଶ୍ୱରଂଜନ ପ୍ରଧାନଙ୍କ 'ବର ବଧୂ' ଓଡ଼ିଆ ସିନେମାର କାହାଣୀର ଧାରାରେ ପରିବର୍ତ୍ତନ କରିଦେଇଥିଲା । ବିନା ଫେଷ୍ଟିଭାଲରେ ଭଲ ଅଭିନେତାମାନଙ୍କୁ ନେଇ ଯେ, ସୁନ୍ଦର ବ୍ୟବସାୟିକ ସିନେମା କରାଯାଇପାରେ ତାହା ପ୍ରମାଣ କରିଛନ୍ତି 'ବର ବଧୂ' ସିନେମାର ସମ୍ପୂର୍ଣ୍ଣ ଟିମ୍ । ସେହିପରି 'ଚକ୍ରାନ୍ତ' ଏବଂ 'ରକ୍ତଗୋଲାପ' କ୍ରାଇମ୍ ସସପେନ୍ସ ଭିତ୍ତିକ କାହାଣୀ ଉପରେ ପର୍ଯ୍ୟବେସିତ । ଏହି ଦୁଇଟି ସିନେମା ମଧ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି ।

ଓଡ଼ିଶାରେ ଭଲ କଳାକାର ଓ ନିର୍ଦ୍ଦେଶକଙ୍କ ଅଭାବ ନାହିଁ । ଓଡ଼ିଆ ଗଳ୍ପ ଏବଂ ଉପନ୍ୟାସକୁ ନୂଆ ରୂପରେ ପ୍ରସ୍ତୁତ କରାଯାଇପାରିଲେ ନିଶ୍ଚୟ ତାହାକୁ ଦର୍ଶକ ଆପଣାଇ ନେବେ । ଭଲ ମୌଳିକ କାହାଣୀ ଅଭାବରୁ ଓଡ଼ିଆ ଦର୍ଶକ ସିନେମା ହଲରୁ ଦୂରେଇ ଯାଇଥିଲେ, ଏବେ ପୁଣି ମୌଳିକ କାହାଣୀକୁ ନେଇ ସିନେମା ହେଉଛି । ନୂଆ ରୂପରେଖରେ ସଜାଇ ଓଡ଼ିଆ ସିନେମା କରାଗଲେ ଦର୍ଶକୀୟ ଆଦୃତି ପାଇବା ସହିତ ଓଡ଼ିଆ ସିନେମା ପୂର୍ବ ଗୌରବ ଯେ ପୁଣି ଫେରି ପାଇବ ଏଥିରେ ସନ୍ଦେହ ନାହିଁ । ■

ଚଳଚ୍ଚିତ୍ର ସମୀକ୍ଷକ, ଭୁବନେଶ୍ୱର

## କେମିତି କଟିବ ସପ୍ତାହ

**ମେଷ** – ରବିବାରରେ ବହୁ ପରିଶ୍ରମ କରି ସଫଳତା ପ୍ରାପ୍ତି, ଦୂରଯାତ୍ରା କରି ପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ପ୍ରସନ୍ନତା, ଅତିଥିଙ୍କ ଆଗମନ ହୋଇପାରେ । ଗୁରୁ, ଶୁକ୍ରବାରରେ ସମସ୍ୟା ଘେରରେ ରହିବେ । ଶନିବାରରେ ସୁଖସମୃଦ୍ଧି, ବ୍ୟବସାୟିକ ଉତ୍ତମ ଲାଭ ମିଳିବ ।

**ବୃଷ** – ରବିବାରରେ ଉଚ୍ଚଆଶା ସଫଳ ହେବ । ସୋମ, ମଙ୍ଗଳ, ବୁଧବାରରେ ବ୍ୟସ୍ତତା, ଦୂରଯାତ୍ରା, କର୍ମକ୍ଷେତ୍ରରେ ସହଯୋଗ ପାଇବେ । ଗୁରୁ, ଶୁକ୍ରବାରରେ ହର୍ଷୋଲ୍ଲାସ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି । ଶନିବାରରେ କିଛି ସମସ୍ୟା ଦେଖାଦେଇପାରେ । ବ୍ୟବସାୟ ମାନ୍ଦା ରହିବ ।

**ମିଥୁନ** – ରବିବାରରେ ସାମର୍ଥ୍ୟ ଅନୁଯାୟୀ ଉନ୍ନତି, ଭାଇଭଉଣୀଙ୍କ ସହଯୋଗ ମିଳିବ । ସୋମ, ମଙ୍ଗଳ, ବୁଧବାରରେ ଚଳଚଞ୍ଚଳ, ଉତ୍ତମ ବୁଝାମଣା ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାଜନକ ପରିସ୍ଥିତି ରହିବ । ଶନିବାରରେ ଅର୍ଥପ୍ରାପ୍ତି, ବ୍ୟବସାୟିକ ସଫଳତା ମିଳିବ ।

**କର୍କଟ** – ରବିବାରରେ ଅର୍ଥଚିନ୍ତା, ପଡ଼ୋଶୀଙ୍କ ସହ ମନାନ୍ତର ରହିବ । ସୋମ, ମଙ୍ଗଳ, ବୁଧବାରରେ କାର୍ଯ୍ୟଦକ୍ଷ, ଉଚ୍ଚସମ୍ମାନ ପ୍ରାପ୍ତି ହେବ । ଗୁରୁ, ଶୁକ୍ରବାରରେ ବନ୍ଧୁ ସହଯୋଗ, ଅର୍ଥିକ ଯୋଜନା ଫଳପ୍ରସୂ ହେବ । ଶନିବାରରେ ପ୍ରତିକୂଳ ପରିସ୍ଥିତି, ବ୍ୟବସାୟିକ ସମସ୍ୟା ରହିବ ।

**ସିଂହ** – ରବିବାରରେ ଚଳଚଞ୍ଚଳ, ଭ୍ରମଣର ସୁଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ । କାର୍ଯ୍ୟ ମନ୍ଥର ରହିବ । ଗୁରୁ, ଶୁକ୍ରବାରରେ ଦୃଢ଼ମନା, ଅର୍ଥପ୍ରାପ୍ତି ହୋଇପାରେ । ଶନିବାରରେ ସୁଖସମ୍ମାନ ପ୍ରାପ୍ତି, ବ୍ୟବସାୟିକ ସନ୍ତୋଷଜନକ ଫଳ ମିଳିବ ।

**କନ୍ୟା** – ରବିବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି, ସୁଖ ସନ୍ତୋଷପ୍ରାପ୍ତି ହେବ । ସୋମ, ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତି, କାର୍ଯ୍ୟସିଦ୍ଧି, ରାଜନୀତିରେ ସୁନାମ ପାଇବେ । ଗୁରୁ, ଶୁକ୍ରବାରରେ ପରିଶ୍ରମୀ, ସଫଳ ହେବେ । ଶନିବାରରେ ଚଳଞ୍ଚଳ, ବ୍ୟବସାୟିକ ପ୍ରସାର ହେବ ।

**ତୁଳା** – ରବିବାରରେ ଶତ୍ରୁବୃଦ୍ଧି, କାର୍ଯ୍ୟହାନି, ଚିନ୍ତିତ ରହିବେ । ସୋମ, ମଙ୍ଗଳ, ବୁଧବାରରେ ସମସ୍ୟା ବହୁଳ, ବିରୋଧାଭାସ ଦେଖାଦେବ । ଗୁରୁ, ଶୁକ୍ରବାରରେ ସୁଖସମ୍ମାନ, ଉତ୍ତମ ଆୟ ହେବ । ଶନିବାରରେ ଉଚ୍ଚାଭିଳାଷୀ, ବ୍ୟବସାୟିକ ଉନ୍ନତି ହେବ ।

**ବିଛା** – ରବିବାରରେ କାର୍ଯ୍ୟମନ୍ଥର, ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତା ରହିବ । ସୋମ, ମଙ୍ଗଳ, ବୁଧବାରରେ ପରିଶ୍ରମର ଫଳପ୍ରାପ୍ତି, ଆର୍ଥିକ ସୁଧାର ଆସିବ । ଗୁରୁ, ଶୁକ୍ରବାରରେ ବିଭିନ୍ନ ମାର୍ଗରୁ ଉପାର୍ଜନ କରିବେ । ଶନିବାରରେ କାର୍ଯ୍ୟହାନି, ବ୍ୟବସାୟିକ କ୍ଷତି ହୋଇପାରେ ।

**ଧନୁ** – ରବିବାରରେ କର୍ମତତ୍ପର, ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ସୋମ, ମଙ୍ଗଳ ବୁଧବାରରେ ଦ୍ରବ୍ୟାଦି ଲାଭ, ଆର୍ଥିକ ଉନ୍ନତି ହେବ । ଗୁରୁ, ଶୁକ୍ରବାରରେ ଶତ୍ରୁବୃଦ୍ଧି, ଚୋରି ଭୟ ଦେଖାଦେଇପାରେ । ଶନିବାରରେ ଅସହଯୋଗ ଓ ବ୍ୟବସାୟିକ ମନ୍ଥର ରହିବ ।

**ମକର** – ରବିବାରରେ କାର୍ଯ୍ୟ ବିଳମ୍ବ ଓ ଖର୍ଚ୍ଚାନ୍ତ ଦେଖାଦେବ । ସୋମ, ମଙ୍ଗଳ, ବୁଧବାରରେ କାର୍ଯ୍ୟସଫଳ, ସ୍ୱପ୍ନ ସାକାର ହେବ । ଗୁରୁ, ଶୁକ୍ରବାରରେ ସଞ୍ଚୟ, ଚଳଚଞ୍ଚଳ ରହିବେ । ଶନିବାରରେ ଦୂରଯାତ୍ରା, ବ୍ୟବସାୟରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ ।

**କୁମ୍ଭ** – ରବିବାରରେ ସ୍ୱାଦିଷ୍ଟ ଭୋଜନ ଓ ସୁଖଶାନ୍ତି ପାଇବେ । ସୋମ, ମଙ୍ଗଳ, ବୁଧବାରରେ ଆର୍ଥିକ ଚାପ, ବନ୍ଧୁମନାନ୍ତର ଦେଖାଦେବ । ଗୁରୁ, ଶୁକ୍ରବାରରେ ସୁଖସମ୍ମାନ, କାର୍ଯ୍ୟସିଦ୍ଧି ହେବ । ଶନିବାରରେ ପ୍ରଶଂସାଭାଜନ, ବ୍ୟବସାୟିକ ସଫଳତା ମିଳିବ ।

**ମୀନ** – ରବିବାରରେ ସୁଖଶାନ୍ତି, ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ସୋମ, ମଙ୍ଗଳ, ବୁଧବାରରେ ଅଶାନ୍ତି, ଦ୍ରବ୍ୟହାନି, ଆର୍ଥିକ ଚାପ ରହିବ । ଗୁରୁ, ଶୁକ୍ରବାରରେ ଅସ୍ଥିରତା, ବ୍ୟୟବୃଦ୍ଧି ହେବ । ଶନିବାରରେ ପ୍ରସନ୍ନତା, ବ୍ୟବସାୟିକ ଲାଭ ମିଳିବ । ■